# ଭଏସ୍ ଅଫ୍ ଭିକ୍ଟିମ୍ସ
# Voice of Victims

RNI Regd. No. :ODIMUL/2023/89182 Weekly Multilingual Rs - 5.00

ଭାଗ:୨, ସଂଖ୍ୟା: ୪୬, ଭୁବନେଶ୍ୱର, ସେପ୍ଟେମ୍ବର ୨୯- ଅକ୍ଟୋବର ୦୫, ୨୦୨୫, Vol: 2, Issue: 46, Bhubaneswar, September 29- October 05, 2025 Pages- 8



# SIKSHA 'O' ANUSANDHAN

(Deemed to be University declared u/s.3 of the UGC Act.,1956)
Accredited (3rd cycle) by NAAC with A++ Grade

## 3 Decades of Rich Legacy

### NIRF Rankings-2025
National Institutional Ranking Framework

15th in University Category
22nd in Engineering Category
15th in Medical Category
09th in Dental Category
10th in Law Category

### QS WORLD UNIVERSITY RANKINGS 2025

64 in QS Southern Asia University Ranking
278 in QS Asia University Ranking
1201- 1400 in QS World University Ranking
Instituion of Happiness
Recognized by QS I-Guage

### THE WORLD UNIVERSITY RANKINGS 2025

801-1000 in THE World University Ranking
501- 600 in Engineering Technology
601- 800 in Computer Science
801-1000 in Health Sciences
201-300 in World Reputation Ranking

### Statutory Approvals

UGC Approved, AICTE Approved, NMC Approved, DCI Approved, PCI Approved, BCI Approved, INC Approved, VCI Approved

### Accreditations & Recognitions

Accredited by NAAC with Grade 'A++'
NBA Accredited, ICAR Accredited, NABL Accredited, NABH Accredited, Category-1 12(B) Status, DSIR SIRO Recognized

### MAJOR INTERNATIONAL COLLABORATIONS

The Bindura University of Science Education, Zimbabwe
Alfinbas University of Turkey
Asia University of Taiwan
University of AUCKLAND New zealand
Earth Network Inc, USA
Asia Pacific University of Technology & Innovation, Malaysia
NHA Trang University, Vietnam
University of Nebraska Lincoln

### SOA HOSPITALS

- IMS AND SUM HOSPITAL
  Kalinga Nagar, Bhubaneswar
- IMS AND SUM HOSPITAL
  Phulnakhara, Bhubaneswar
- IMS AND SUM HOSPITAL
  Sitalapalli, Brahmapur
- SUM ULTIMATE MEDICARE
  Kalinga Nagar, Bhubaneswar

- 18 Research Centres in niche Areas
- Atal Incubation Centre
- Over 400 foreign Students from 30 countries

41 Professors of SOA figure among the Top 2% Scientists of the World as listed by Stanford University, USA

Startup & Incubation Centre
aic CII

### Empowering students for a brighter future




- ENGINEERING AND TECHNOLOGY
  (Institute of Technical Education & Research)
- MEDICAL SCIENCES
  (IMS AND SUM HOSPITAL, Kalinga Nagar)
  (IMS AND SUM HOSPITAL, Phulnakhara)
  (IMS AND SUM HOSPITAL, Sitalapalli, Brahmapur)
- DENTAL SCIENCES
  (Institute of Dental Sciences)
- MANAGEMENT SCIENCES
  (Institute of Business and Computer Studies)
- PHARMACEUTICAL SCIENCES & BIOTECHNOLOGY
  (School of Pharmaceutical Sciences), Kalinga nagar
  (Centre for Biotechnology)
  (School of Pharmaceutical Sciences-II), Phulnakhara
- NURSING
  (SUM Nursing College, Kalinga Nagar)
  (SUM Nursing College, Phulnakhara)
- HOSPITALITY & TOURISM MANAGEMENT
  (School of Hotel Management)
- LEGAL STUDIES
  (SOA National Institute of Law)
- AGRICULTURAL SCIENCES
  (Institute of Agricultural Sciences)
- VETERINARY SCIENCE & ANIMAL HUSBANDRY
  (Institute of Veterinary Science and Animal Husbandry)

BHUBANESWAR, ODISHA, INDIA www.soa.ac.in

# ମିଗ୍-୨୧ ବିମାନର ମହାଯାତ୍ରା



ସଂଜୀବ ମହାପାତ୍ର

୧୯୬୩ ମସିହାରୁ ଭାରତୀୟ ବାୟୁସେନାର ସବୁଠାରୁ ପୁରୁଣା ଓ ପ୍ରମୁଖ ୱାର୍କ ହର୍ସ ଅର୍ଥାତ୍ କାମିକା ଘୋଡ଼ା ଭାବେ ପରିଚିତ ଥିବା MiG -21 ଲଢୁଆ ଯୁଦ୍ଧ ବିମାନ ଆଜି



ତାର ଶେଷ ଉଡାଣ ସମାପ୍ତ କରି ସେବା ନିବୃତ୍ତ ହୋଇ ଯାଇଛି। ଚଣ୍ଡୀଗଡ଼ ଏୟାର ଫୋର୍ସ ବେସ୍'ରେ ରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମହୋଦୟଙ୍କ ଉପସ୍ଥିତିରେ ଅନ୍ତିମ ଥର ପାଇଁ ଉଡ଼ିଥିବା ଭାରତୀୟ ବାୟୁସେନାର ଏକଦା ମେରୁଦଣ୍ଡ ବୋଲି ଗଣା ହେଉଥିବା ଏହି ବିମାନ କାଲିଠାରୁ ଇତିହାସ ପୃଷ୍ଠାରେ ସ୍ଥାନ ପାଇବ। ଷାଠିଏ ଦଶକ ପୂର୍ବରୁ ଆମ ବାୟୁସେନାରେ ସାମିଲ ଥିଲେ ମୁଖ୍ୟତଃ ଫ୍ରାନ୍ସ, ଇଂଲଣ୍ଡ ଓ ଆମେରିକାନ ଲଢୁଆ ଜାହାଜ। ୧୯୬୨ ମସିହାରେ ଚୀନଠାରୁ

## ମିଗ୍ -୨୧କୁ ଏକ ସମୟରେ ଉଡନ୍ତା କଫିନ୍ ବୋଲି ଆକ୍ଷେପ କରାଗଲା

ଯୁଦ୍ଧରେ ନିହାତି ଅପମାନ ଜନକ ପରିସ୍ଥିତିର ସମ୍ମୁଖୀନ ହେବା ପରଠାରୁ ଅନୁଭବ କରାଯାଇଥିଲା ଥିଲା ସୁରକ୍ଷା ଦୃଷ୍ଟିରୁ ଆମେ କେତେ ଅପ୍ରସ୍ତୁତ। ଏମିତି ଅବସ୍ଥାରେ ଯେତେବେଳ ବାୟୁସେନାକୁ ପରିବର୍ଦ୍ଧିତ କରାଯିବାର ଯୋଜନା କରାଗଲା ସେତେବେଳ ପାଶ୍ଚାତ୍ୟ ଯୁଦ୍ଧ ବିମାନ ଥିଲା ଅତ୍ୟନ୍ତ ବ୍ୟୟବହୁଳ, ପୁଣି ତା ସହିତ ଆମେରିକା ପ୍ରଚ୍ଛନ୍ନ ଭାବେ ଆଶୀର୍ବାଦ ଦେଉଥିଲା ଭାରତର ଚିର ଶତ୍ରୁ ପାକିସ୍ତାନକୁ। ତେଣୁ ପାଶ୍ଚାତ୍ୟ ସମରିକ ବିମାନ ଓ ଅନ୍ୟାନ୍ୟ

## ମିଗ୍ -୨୧ ନିର୍ମାଣରୁ ଜନ୍ମ ନେଇଥିଲା ହିନ୍ଦୁସ୍ଥାନ ଏରୋନେଟିକ୍ସ ଲିମିଟେଡ ବା ହାଲ୍

ଅସ୍ତ୍ରଶସ୍ତ୍ର କିଣିବା ଭାରତ ପକ୍ଷରେ ଥିଲା ଘୋର କଷ୍ଟସାଧ ବ୍ୟାପାର। ଏହି ପୃଷ୍ଠଭୂମିରେ ସୋଭିଏତ ଋଷ, ଆଗେଇ ଆସିଥିଲା ଭାରତକୁ ଲଢୁଆ ଯୁଦ୍ଧ ବିମାନ ଯଥେଷ୍ଟ ଶସ୍ତା ଦାମରେ ଯୋଗାଇଦେବାକୁ। ସେହି ସୂତ୍ରରେ ଭାରତକୁ ମିଳି ଥିଲା MiG-21 ଭଳି ଏକ ସୁପର ସୋନିକ ଏୟାରକ୍ରାଫ୍ଟ, ସେ ସମୟର ଯେକୌଣସି ପାଶ୍ଚାତ୍ୟ ଲଢୁଆ ଜାହଜର ସମତୁଲ କିନ୍ତୁ ପ୍ରାୟ ଅଧା ଦାମ ରେ। ଅଧିକନ୍ତୁ ତତ୍କାଳୀନ ସୋଭିଏତ ଋଷ ଭାରତକୁ ଦେଇଥିଲା ଏକ ଅପୂର୍ବ ସୁଯୋଗ, ଭାରତରେ ତାହାର ଉତ୍ପାଦନ ପାଇଁ ଆବଶ୍ୟକ ଲାଇସେନ୍ସ। ସେଇଥିରୁ ଜନ୍ମ ହୋଇଥିଲା ହିନ୍ଦୁସ୍ଥାନ ଏରୋନଟିକଲ୍ ଲିମିଟେଡ ବା ହାଲ୍। ମହାରାଷ୍ଟ୍ରର ନାଶିକ, ଆନ୍ଧ୍ରପ୍ରଦେଶରେ ହାଇଦରାବାଦ ଓ ଓଡ଼ିଶାର କୋରାପୁଟ ଜିଲ୍ଲା ସୁନାବେଡ଼ାରେ ଏହି ବିମାନର ବିଭିନ୍ନ ଯନ୍ତ୍ରାଂଶ ତିଆରି କରାଯାଇପାରିବା ହେତୁ ଏହା ଭାରତୀୟ ବାୟୁ ସେନା ପାଇଁ ଏକ ବରଦାନ ଠାରୁ କିଛି କମ ନଥିଲା। ଏକଦା ପ୍ରାୟ ୧୯ ରୁ ୨୦ ସ୍କ୍ୱାଡ୍ରନ୍ ଅର୍ଥାତ ପ୍ରାୟ ୪୦୦ ଲଢୁଆ ବିମାନ ଭାରତୀୟ ବାୟୁ ସେନାର ମେରୁଦଣ୍ଡ ହିସାବରେ ପରିଚିତ ହେଉଥିଲା। କେବଳ MiG -21 ନୁହେଁ ଏହାର ଅନେକ ଭାରିଆଣ୍ଟ ଯଥା MiG -23, MiG-25, MiG -27 ମଧ୍ୟ ବାୟୁସେନା ଦ୍ୱାରା ଅପରେଟ କରାଯାଉଥିଲା। ୧୯୬୫ ଓ ୧୯୭୧ ଭାରତ ପାକିସ୍ତାନ ଯୁଦ୍ଧ ସମୟରେ ଏହାର ଅବଦାନ ସବୁଦିନ ପାଇଁ ଅବିସ୍ମରଣୀୟ ହୋଇ ରହିବ। କ୍ରମେ ସମୟ ବଦଳିଲା ଓ ଭାରତ ସତୁରୀ ଦଶକର ଶେଷ ଭାଗରେ ଓ ଅଶି ଦଶକ ଆରମ୍ଭରେ ଇଂଲଣ୍ଡର ଜାଗୁଆର ଓ ଫ୍ରାନ୍ସର ମିରାଜ୍ ୨୦୦୦ ଯୁଦ୍ଧ ବିମାନକୁ ବାୟୁସେନାରେ ସାମିଲ କରାଗଲା ସିନା କିନ୍ତୁ MiG -21ର ଭୂମିକା ଥିଲା ଅଗ୍ରଗଣ୍ୟ। ସମସ୍ୟା ଆରମ୍ଭ ହେଲା ନବେ ଦଶକ ଆରମ୍ଭରୁ, ଆମର ପଡୋଶୀ ଶତ୍ରୁ ଅର୍ଥାତ୍ ପାକିସ୍ଥାନ ଓ ଚୀନ୍ ଚତୁର୍ଥ ଓ ପିଢ଼ିର ଲଢୁଆ ଯୁଦ୍ଧ ବିମାନ ନିଜ ବାୟୁସେନାରେ ସାମିଲ କରିବା ଆରମ୍ଭ କରିଦେଲେ କିନ୍ତୁ ଆମେ ସେଇ ପୁରୁଣା ବିମାନ ଧରି ଆଉ ସେହି ସାମରିକ ଦୌଡରେ ଭାଗନେବା ସମ୍ଭବ ହେଲା ନାହିଁ। ପରିସ୍ଥିତି ଆହୁରି ଗମ୍ଭୀର ହେଲା ଯେତେବେଳ MiG - 21ର କ୍ରମାଗତ ଭାବେ ବଢ଼ିଚାଲିଥିବା ଦୁର୍ଘଟଣା ଯୋଗୁଁ ଏହା ଚର୍ଚ୍ଚାର ବିଷୟ ପାଲଟିଗଲା। କେବଳ ଯେ ବିମାନ ନଷ୍ଟ ହେଲା ତା ନୁହେଁ ଅନେକ ସୁଦକ୍ଷ ପାଇଲଟ ତାଙ୍କର



ପ୍ରାଣ ମଧ୍ୟ ହରାଇଥିଲେ। ସେମାନଙ୍କ ବିଷୟରେ ପରିସଂଖ୍ୟାନ ଦେଇ ଲାଭ ନାହିଁ, କିନ୍ତୁ ଏତିକି କହିହେବ ଯେ ଭାରତୀୟ ବାୟୁସେନା ପାଇଁ ଏହି କ୍ଷତି ସହିବା ସହଜ ନଥିଲା କାରଣ ହେଲା ଜଣେ ଦକ୍ଷ ପାଇଲଟ ତିଆରି ହେବାକୁ ଅନ୍ୟୁନ ପାଞ୍ଚ ବର୍ଷ ଲାଗିଥାଏ। ମୃତ ପାଇଲଟ ଏବଂ ତାଙ୍କ ପରିବାରବର୍ଗ ଏହାକୁ ପାର୍ଲିଆମେଣ୍ଟରେ ଆଲୋଚନା ଭିତରକୁ ଆଣିଲେ। କେବଳ




ସେତିକି ନୁହେଁ ଏକ ସମୟରେ ଏହାକୁ ଉଡନ୍ତା କଫିନ୍ ହିସାବରେ ନାମ କରଣ ମଧ୍ୟ କରାଗଲା ଓ ତାହା ଜନମାନସରେ ଏବେ ବି ରହିଛି। ଅସଲ କଥାଟା ଟିକେ ଜଟିଳ। ଦୁର୍ଘଟଣାର କାରଣ ତ ଅନେକ ରହିଛି କିନ୍ତୁ

## ୧୯୬୫ ଓ ୧୯୭୧ ଭାରତ ପାକିସ୍ଥାନ ଯୁଦ୍ଧ ସମୟରେ ମିଗ୍ -୨୧ର ଅବଦାନ ଅବିସ୍ମରଣୀୟ

ତାକୁ ସବୁ ଆଲୋଚନା କରିବା ଏହି ଆଲେଖ୍ୟର ଉଦ୍ଦେଶ୍ୟ ନୁହେଁ। ଯାହା ହେଉନା କାହିଁକି ଆଜି MiG -21କୁ ସେବା ନିବୃତ୍ତ କରାଯିବା ପଛରେ ମୁଖ୍ୟ କାରଣ ହେଲା ଷାଠିଏ ଦଶକର ଜ୍ଞାନକୌଶଳରେ ନିର୍ମିତ ଏହି ଲଢୁଆ ଜାହଜ ବର୍ତ୍ତମାନ ଯୁଗରେ ଅତ୍ୟାଧୁନିକ ଇଲେକ୍ଟ୍ରୋନିକ ଓ ଡ୍ରୋନ ଯୁଦ୍ଧ ଲଢିବା ପାଇଁ ଆଉ ସମର୍ଥ ନୁହେଁ। ଏହାର ରାଡାର ଓ ଆଭିଓନିକ୍ସ ବହୁ ପୁରୁଣା। ପାକିସ୍ଥାନ ଓ ଚୀନ ବର୍ତ୍ତମାନ ପଞ୍ଚମ ପିଢ଼ିର ଅଦୃଶ୍ୟ ଅର୍ଥାତ୍ ଷ୍ଟେଲଥ୍ ଟେକ୍ନୋଲୋଜି ସମ୍ମିଳିତ ଫାଇଟର୍ ଏଆର-କ୍ରାଫ୍ଟ ଅପରେଟ୍ କରିବା ଆରମ୍ଭ କରିଦେଲେଣି। ସୁତରାଂ MiG- 21ର ଇତିହାସ ବିରତ୍ୱପୂର୍ଣ୍ଣ ହେଲେମଧ୍ୟ ଏହା ଆମେରିକା ନିର୍ମିତ ପାକିସ୍ଥାନର F-16 କିମ୍ବା ଚୀନ ନିର୍ମିତ J-10 ସହିତ ପ୍ରତିଯୋଗିତା କରିବା ସମ୍ଭବ ନୁହେଁ। MiG -21କୁ ଭାବପ୍ରବଣତା ସହିତ ବିଦାୟ ଦିଆଗଲା ସତ କିନ୍ତୁ ତାହା ସହିତ ଭାରତ ର ସ୍କ୍ୱାର୍ଡନ୍ ସଂଖ୍ୟା ବର୍ତ୍ତମାନ ୨୯ କୁ ଖସି ଆସିଛି। ଦେଶର ସୁରକ୍ଷା ଦୃଷ୍ଟିରୁ ଆମର ପ୍ରାୟ ୪୨ ଟି ସ୍କ୍ୱାର୍ଡନ୍ ଦରକାର। ରକ୍ଷା ବିଭାଗ ଦ୍ୱାରା ଏହି ସଂଖ୍ୟାକୁ ସ୍ୱୀକୃତି ମିଳିଛି ସତ କିନ୍ତୁ ଆଜି ପର୍ଯ୍ୟନ୍ତ ଅନେକ କାରଣ ହେତୁ ଏହା ସମ୍ଭବ ହୋଇପାରିନାହିଁ। ଅପରେସନ ସିନ୍ଦୁର ପରବର୍ତ୍ତୀ ସାମ୍ପ୍ରତିକ ସ୍ଥିତିକୁ ଦେଖିଲେ ଏହି ଶୂନ୍ୟ ସ୍ଥାନ ଅତିଶିଘ୍ର ପୁରଣ କରିବା ଆମ ବାୟୁସେନା ପାଇଁ ଏକାନ୍ତ ଆବଶ୍ୟକ। ଆଶ୍ୱାସନାର କଥା ଯେ ସ୍ୱଦେଶୀ ଜ୍ଞାନ କୌଶଳ ରେ ହାଲ୍ (HAL) ନିର୍ମିତ ତେଜସ୍ ଫାଇଟର ବିମାନ (Light Combat Aircraft) ଏହି ଅଭାବକୁ ଦୂରକରିବ ଏବଂ ସେହି ପ୍ରକ୍ରିୟା ଏବେ ମଧ୍ୟ ଆରମ୍ଭ ହୋଇଯାଇଛି। କିନ୍ତୁ ଏଥିରେ ପ୍ରମୁଖ ଅସୁବିଧା ହେଲା ଏହାର ଇଞ୍ଜିନ ଭାରତରେ ତିଆରି ହୋଇ ପାରୁନାହିଁ। ଆମେରିକାରୁ ଆସୁଥିବା ଇଞ୍ଜିନ ଅନେକ ବିଳମ୍ବିତ। ଆଶା କରୁଛୁ ଯେ ଶୀଘ୍ର ଏହାର ସମାଧାନ ହୋଇଯିବ। ତେଣୁ MiG-21କୁ ଗୁଡ୍ ବାୟ କହିଦେବା ଉଚିତ ହେବ।



VOICE OF VICTIMS
Empowering Hope, Dignity & Respect

ପବିତ୍ର ଦୁର୍ଗାପୂଜା ଉପଲକ୍ଷେ ସମସ୍ତଙ୍କୁ
ଆମ୍ଭର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

ବନ୍ଧନ®
ସୁ-ସମ୍ପର୍କ ଗଢେ

# ନାମକରଣ ମାହାତ୍ମ୍ୟ



କାର୍ତ୍ତିକ ଚନ୍ଦ୍ର ପଣ୍ଡା

ପିଲାଦିନେ ଆମଗ୍ରାମର ତିଲୁ ମଉସା, ହାତରେ ଖଣ୍ଡେ ପୋଷ୍ଟକାର୍ଡ ଧରି ମୋ ପାଖକୁ ଆସୁଥିଲେ। ତାଙ୍କ ପୁଅ ବାଇଆ, କଲିକତାରେ ଏକ ଝୋଟକଳରେ କାମ କରେ। ଘରର ଭଲମନ୍ଦ ଜଣାଇ ସେ ପ୍ରତି ମାସରେ ପୁଅ ପାଖକୁ ଚିଠି ଲେଖନ୍ତି। ନିୟମିତ ଚିଠି ଲେଖାଳି ଭାବେ, ଚିଠିର ପ୍ରଥମ ତିନି- ଚାରି ଧାଡି ମୋର ଏକ ପ୍ରକାର ମୁଖସ୍ଥ ଥିଲା ।

ସେ ଗୁଡିକ ହେଲା - ‘ ବାବୁ ବୈଲୋଚନକୁ, ବାପ ତ୍ରିଲୋଚନଙ୍କ କୋଟି କୋଟି କଇଲାଣ । ତୁମ୍ଭ କୁଶଳକୁ ମା’ ଗଙ୍ଗା କାଳୀ ଭରସା । ଆମ୍ଭ କୁଶଳକୁ ଏଠାରେ ପ୍ରଭୁ ଜଗନ୍ନାଥ ଅଛନ୍ତି‘ । ଲେଖିବାର କାରଣ ଏହିକି ଯେ.......‘ଏହା ପରେ ଚିଠିର ବିଷୟବସ୍ତୁ ମଉସା ଯାହା ଡାକୁଥିଲେ ,ମୁଁ ଲେଖୁଥିଲି ।

ମଉସାଙ୍କ ଭଲ ନାମ ତ୍ରିଲୋଚନରୁ, ଡାକନାମ ’ତିଲୁ’ କିପରି ହେଲା ଆଉ ବୈଲୋଚନ କିପରି ’ବାଇଆ’ ହୋଇଗଲା ଏହି ପ୍ରସଙ୍ଗଟି ମୋ ମନରେ ସନ୍ଦେହ ସୃଷ୍ଟି କରୁଥିଲା । ନାମକରଣକୁ ନେଇ ଏପରି ଅସଙ୍ଗତି କାହିଁକି ? ଜଣେ ବ୍ୟକ୍ତିର ଏକାଧିକ ନାମର ଆବଶ୍ୟକତା କଣପାଇଁ ? ପୁନଶ୍ଚ ଚିଠି ଭିତରେ ମା’ ‘ଗଙ୍ଗାକାଳୀ ’’ଓ ‘ପ୍ରଭୁ ଜଗନ୍ନାଥଙ୍କ’ ଭୂମିକା , ମୋ ମନରେ ସ୍ୱତଃ ସଂଶୟ ସୃଷ୍ଟି କରୁଥିଲା । କ୍ରମଶଃ ମୁଁ ବଡ଼ହେଲି ଓ ଏସବୁ ରହସ୍ୟ ଭେଦ କରିବାକୁ ସମର୍ଥ ହେଲି ।

ବ୍ୟକ୍ତିର ମୌଳିକ ପରିଚୟ ପାଇଁ ନାମକରଣ ସହିତ ସାଙ୍ଗିଆର ପ୍ରଚଳନ, ଆମ ସମାଜରେ ଗୁରୁତ୍ୱପୂର୍ଣ୍ଣ । ଜନ୍ମ ତାରିଖ ସହ ଏହା ଶିକ୍ଷାନୁଷ୍ଠାନ ଓ ସରକାରୀ ରେକର୍ଡରେ ପଞ୍ଜୀକୃତ ହୋଇଥାଏ । ଭୋଟର କାର୍ଡ, ଆଧାର କାର୍ଡ ଓ ଅନ୍ୟ ସରକାରୀ ଦସ୍ତାବିଜରେ ବ୍ୟକ୍ତିର ମୌଳିକ ନାମ ପଞ୍ଜୀକୃତ ହୁଏ। ସରକାରୀ ଦସ୍ତାବିଜରେ ଏହି ନାମ ଥରେ ଦରଜ ହୋଇଗଲେ ,ଏହା ବ୍ୟକ୍ତିର ମୌଳିକ ପରିଚୟ ପାଲଟି ଯାଏ। ଏଠାରେ ଉପନାମ, ଶ୍ରଦ୍ଧାନାମ ଆଦି ଗୁରୁତ୍ୱ ହରାନ୍ତି ।

ଆତ୍ମୀୟ ସ୍ୱଜନ ଓ ଜ୍ଞାତି ପରିଜନ, ନବଜାତକର ନାମକରଣ ପାଇଁ ଏକ ଉତ୍ସବର ଆୟୋଜନ କରନ୍ତି ତେବେ ପରବର୍ତ୍ତୀ ସମୟରେ ଏଥିରେ ବ୍ୟତିକ୍ରମ ଦେଖାଯାଏ। ଅତ୍ୟଧିକ ସ୍ନେହ, ଶ୍ରଦ୍ଧାବଶତଃ ଏକ କିମ୍ବା ଏକାଧିକ ଶ୍ରଦ୍ଧା ନାମ ଡାକିବା ଆରମ୍ଭ ହୋଇଯାଏ । ଜନ୍ମବେଳେ ପ୍ରଦତ୍ତ ନାମଟି କେବଳ ସରକାରୀ ରେକର୍ଡ ପାଇଁ ସାଇତି ରଖି ଦିଆଯାଏ ।

ଜନ୍ମଜାତକ ପ୍ରସ୍ତୁତ ବେଳେ ଜ୍ୟୋତିଷ ଜନ୍ମ ମୁହୂର୍ତ୍ତର ତିଥି ନକ୍ଷତ୍ର ଗଣନାକୁ ନେଇ, ଏକ ରାଶି-ନାମ ବାହାର କରି ଜାତକରେ ଉଲ୍ଲେଖ କରନ୍ତି । ତେବେ ଏହାକୁ ବେଶି ଗୁରୁତ୍ୱ ଦିଆଯାଏ ନାହିଁ । ଅଧିକାଂଶ ପିତାମାତା ଏକ ସ୍ୱତନ୍ତ୍ର ନାମ (Unique name) ବାଛିବାକୁ ପସନ୍ଦ କରନ୍ତି । କାରଣ ଅନ୍ୟର ତ୍ୱରିତ ଧ୍ୟାନ ଆକର୍ଷଣ ପାଇଁ ଏହା ସହାୟକ ହୋଇଥାଏ । ଅବଶ୍ୟ କେତେକ ପ୍ରଦତ୍ତ ନାମ ଉଚ୍ଚାରଣ କରିବାରେ ସମସ୍ୟା ଉପୁଜେ ଓ ଅଜାଆଇମାନେ ବାଧହୋଇ, ଆଉ ଏକ ସହଜ ନାମରେ ନାତିନାତୁଣୀ ମାନଙ୍କୁ ଡାକନ୍ତି।

ପଞ୍ଚାଶ ଦଶକରେ ନବଜାତକଙ୍କୁ ପ୍ରାୟତଃ ଦେବଦେବୀଙ୍କ ନାମ ଦିଆ ଯାଉଥିଲା । ଦେବଦେବୀଙ୍କ ନାମକରଣ କରିବା ପାଇଁ ସେତେବେଳେ ଦୁଇଟି ମୁଖ୍ୟ କାରଣ ଥିଲା। ପିତାମାତା ଓ ଆତ୍ମୀୟ ସ୍ୱଜନ, କର୍ମ ଜଞ୍ଜାଳମୟ ଜୀବନରେ ପିଲାମାନଙ୍କୁ ସମ୍ବୋଧନ ଆଳରେ, ଦେବଦେବୀଙ୍କ ନାମ ଉଚ୍ଚାରଣ କରିବାକୁ ସୁଯୋଗ ପାଇବେ, ଆଉ ପିଲାମାନେ ମଧ୍ୟ ଦେବଦେବୀ ପରି, ଶୌର୍ଯ୍ୟବନ୍ତ ଓ କୀର୍ତ୍ତିମାନ ହେବେ କିନ୍ତୁ ବାସ୍ତବରେ ସେପରି କିଛି ଘଟୁ ନଥିଲା । ସାଧୁ ନାମଧାରୀ ବ୍ୟକ୍ତି ଡକାୟତ ପାଲଟୁଥିଲା। ପଦ୍ମଲୋଚନ ନାମଧାରୀ ବ୍ୟକ୍ତି ଦୃଷ୍ଟିହୀନ ହେଲାବେଳେ, ଭିକାରି ନାମଧାରୀ ବ୍ୟକ୍ତି ଧନୀ ଓ ସମ୍ଭ୍ରାନ୍ତ ବର୍ଗରେ ଗଣା ଯାଉଥିଲା। କେତେକ କ୍ଷେତ୍ରରେ ଅତ୍ୟଧିକ ସ୍ନେହ ଶ୍ରଦ୍ଧା ବଶତଃ ପ୍ରଦତ୍ତ ଦେବଦେବୀ ନାମକୁ ଅପଭ୍ରଂଶ କରି ଦିଆ ଯାଉଥିଲା ।

ବୃକୋଦରକୁ ବିକଳି ,ନାରାୟଣକୁ ନାରେଣା,ବ୍ରହ୍ମାନନ୍ଦକୁ ବରହ୍ମା, ହୃଷିକେଶକୁ ହୁରିଆ,ଚନ୍ଦ୍ରମଣିକୁ ଚନ୍ଦରା, ଜଗନ୍ନାଥକୁ ଜଗୁଆ, କୃଷ୍ଣକୁ କୁଷ୍ଟଂ,ଭଗବାନକୁ ଭଗିଆ, ଶଙ୍କର୍ଷଣକୁ ଶଙ୍କରା, ଚକ୍ରଧରକୁ ଚକରା ,ଗନ୍ଧର୍ବକୁ ଗନ୍ଧିଆ, ଗୌରୀକୁ ଗୁରୀ , ହରଗୌରୀକୁ ହଗୁରୀ, ପାର୍ବତୀକୁ ପାରୁ, ଲକ୍ଷ୍ମୀକୁ ନଖୀ, ଶକୁନ୍ତଳାକୁ ଶୁକୁଟି ଓ କଲ୍ୟାଣୀକୁ କେଲୁଣୀ ଡକା ଯାଉଥିଲା ।

କ୍ରମଶଃ ଶିକ୍ଷାର ପ୍ରସାର ହେବା ସହିତ ନାମକରଣର ଧାରା ବଦଳିବାରେ ଲାଗିଲା । ଠାକୁରଙ୍କ ନାମ ବଦଳରେ ଶ୍ରୁତି ମଧୁର ନାମ ଯଥା- ଅକ୍ଷୟ, ଅଜୟ ,ବିଜୟ, ବସନ୍ତ,




ମଳୟ ,ଶରତ, ମୀନା, ଆରତି, ଶ୍ରାବଣୀ ,ବର୍ଷା, ଓ ଅନନ୍ୟା ଆଦି ନୂଆ ନୂଆ ନାମ ପ୍ରଚଳନ ଆରମ୍ଭ ହେଲା । ତଥାପି ନାମ ଅପଭ୍ରଂଶର ଧାରା ବଦଳିଲା ନାହିଁ ।

ଭଲ ନାମଟିକୁ ସ୍କୁଲ ରେକର୍ଡକୁ ସାଇତି ରଖି ଅନେକ ସେହି କୌତୁକିଆ ଡାକନାମ ଆରମ୍ଭ କଲେ । ଗେଡୁ, ଧେଡୁ , ଘୁଙ୍ଗା, କାଲା, ବୁଲା, ହାଡିଆ, ଧଡିଆ, ଧନିଆ,ଧଇଁଆ ଗୋଲଖା, ଚେମା, ଚେମି, ଝାମ୍ପ, ଠୁକୁରା ,ନିତିଆ, ବଳିଆ, ପରଭା, ନାଥିଆ, ଶୁକୁଟା, ସୁନ୍ଦରୀ, ହୁନ୍ଦରୀ, ନାମ ଆଦି ଗ୍ରାମାଞ୍ଚଳରେ ଏବେ ବି ବହୁଳ ପରିମାଣରେ ଶୁଣିବାକୁ ମିଳେ ।

ଶେଷକୁ ଜୀବଜନ୍ତୁ, ପଶୁପକ୍ଷୀ, ଏପରିକି ସରୀସୃପ ମଧ୍ୟ ବାଦ ପଡିଲେ ନାହିଁ । ସେମାନଙ୍କ ନାମରେ, ପିତାମାତାମାନେ ସନ୍ତାନଙ୍କୁ ଡାକିବାକୁ ଲାଗିଲେ । ସେ ନାମ ଗୁଡିକ ହେଲା,- ଭାଲୁ, ହଡା, ନେଉଳ, ଏଣ୍ଡୁଅ, ମୂଷା, ଧଣ୍ଡ , ଗୁଣ୍ଡୁଚି, ଗୋଧି, ବଗ, ବଗୁଲା ,ବେଙ୍ଗ, ବେଙ୍ଗୀ, ବଣି , ଚମ୍ପେଇ, ଚେମେଣୀ, ଝିଣ୍ଟିକା , କଙ୍କି, ଶାରୀ, କୋଇଲି ଓ ଆହୁରି ଅନେକ ।

ଆମ ରାଜ୍ୟରେ ପୂର୍ବ ପୁରୁଷରୁ ଗଡି ଆସୁଥିବା କେତେକ ସାଙ୍ଗିଆ ଗୁଡିକ ମଧ୍ୟ ଶୁଣିବାକୁ କୌତୁକପୂର୍ଣ୍ଣ । ହାତୀ, ବାଘ, ଶଣ୍ଢ , ଶେଣ୍ଢ, ପଶୁ- ପାଳକ ,ମେଷପାଳକ, ଉତ୍ତର-କବାଟ, ଦକ୍ଷିଣ କବାଟ, ଭିତିରିଆ, ଖଣ୍ଟ , ଘଣ୍ଟ , ଶିଅଳ ଓ ଆହୁରି ଅନେକ । ତେବେ ସମ୍ପ୍ରତି ଆଧୁନିକ ସମାଜରେ ପୁରୁଣା ନାମ ବଦଳି ନୂଆ ନୂଆ ଅତ୍ୟାଧୁନିକ ନାମ ପ୍ରଚଳନ ଆରମ୍ଭ ହେଲାଣି।

ଏବେ ଗର୍ଭସ୍ଥ ସନ୍ତାନ ପାଇଁ ଏକ ଶ୍ରୁତି ମଧୁର ନାମ ରଖିବା ପାଇଁ ପିତାମାତା , ଆଗୁଆ ନାମ ସ୍ଥିର କରି ରଖୁଛନ୍ତି । ଇଣ୍ଟରନେଟର ସାହାଯ୍ୟ ମଧ୍ୟ ନିଆଯାଇଛି । ଅବଶ୍ୟ ସମ୍ଭାବ୍ୟ ସନ୍ତାନର ଲିଙ୍ଗ ଆଧାରରେ ଦୁଇଟି ନାମ ଆଗୁଆ ବଛା ଯାଉଛି । ଉଦାହରଣ ସ୍ୱରୂପ ପୁଅ ହେଲେ ’ରିୟନ’ ଓ ଝିଅ ହେଲେ ରିୟା ଦିଆଯିବ । ଅତ୍ୟାଧୁନିକ ନାମ ଭିତରେ ଅଂଶ୍ , ବଂଶ୍ ମାନବ, ଦାନବ, ଦୀୟା, ପପିହା, କୋଏଲ, ପାୟଲ, ରିୟଲ ଓ ବୁସ୍କି, ଓ ଆହ୍ୱାନ ଆଦି ନାମ କ୍ରମଶଃ ପ୍ରଚଳନ ହେଲାଣି ।

ଆଜିକାଲି ମୂଳ ନାମ ସହିତ, ସାଙ୍ଗିଆକୁ ଅତି ସହଜରେ ବଦଳା ଯାଇ ପାରୁଛି । ଜଣେ ଚାହିଁଲେ, ନିଜ ନାମ ସହିତ ସାଙ୍ଗିଆକୁ ମଧ୍ୟ ନିଜ ଇଛା ଅନୁସାରେ ରଖି ପାରିବ । ଆମ ହିନ୍ଦୁ ପରମ୍ପରା ଅନୁସାରେ ବିବାହିତା ଝିଅ, ବାପମାଙ୍କ ସାଙ୍ଗିଆ ପରିତ୍ୟାଗ କରି ସ୍ୱାମୀର ସାଙ୍ଗିଆ ଗ୍ରହଣ କରିବାର ପରମ୍ପରାରେ ଏବେ ପରିବର୍ତ୍ତନ ଘଟିଛି ।

ବିଶେଷତଃ କର୍ମଜୀବୀ ମହିଳା, ସ୍କୁଲ ସାର୍ଟିଫିକେଟରେ ଥିବା ସାଙ୍ଗିଆକୁ ଅପରିବର୍ତ୍ତିତ ରଖୁଛନ୍ତି । ଆଉ କେତେକ ନିଜ ରୁଚି ଅନୁସାରେ ବାପଘର ଓ ଶ୍ୱଶୁର ଘର ସାଙ୍ଗିଆ ଦୁଇଟି ଯାକ ଏକାଠି ରଖୁଛନ୍ତି। ଉଦାହରଣ ସ୍ୱରୂପ’ ଅମିତା ଦାଶ-ମିଶ୍ର’ ଅଥବା ’ସୋନାଲି ସାହୁ- ଶତପଥୀ’ ।ଅବଶ୍ୟ ଏସବୁ ପ୍ରକ୍ରିୟା ପାଇଁ, ସରକାରୀ ନିୟମ ଅନୁଯାୟୀ କେବଳ ସତ୍ୟପାଠଟିଏ ଦରକାର ପଡିଥାଏ ।

ବେଳେବେଳେ ପିତାମାତାଙ୍କ ଶ୍ରଦ୍ଧାବଶତଃ ଦେଇଥିବା ନାମ ଯୋଗୁଁ ବ୍ୟକ୍ତି ବିଶେଷ ହୀନମନ୍ୟତାର ଶିକାର ହୁଅନ୍ତି ଯଥା ପ୍ରଫେସର ଡ଼ଃ ଏଣ୍ଡୁଅ ଅଧିକାରୀ, ପଦ୍ମଶ୍ରୀ ବେଙ୍ଗ ବାଣୁଆ କିମ୍ବା ଡକ୍ଟର ଗୁଣ୍ଡୁଚି ଶିଅଳ। କେତେକଙ୍କ ନାମରୁ ପୁଅ କି ଝିଅ ମଧ୍ୟ ଠଉରାଇବା କଷ୍ଟ । ଏହା ମଧ୍ୟ ଦେଖାଯାଏ ଯେ ପିଲାମାନେ ବଡ ହୋଇ, ନିଜନାମକରଣରେ ଅସନ୍ତୋଷ ପ୍ରକାଶ କରି ,ପିତାମାତାଙ୍କୁ ଦାୟୀ କରନ୍ତି ।

ଆଜିକାଲି ନାମକରଣରେ କେତେକ ସାଙ୍ଗିଆ ଆଦୌ ବ୍ୟବହାର କରୁ ନାହାନ୍ତି ।’ ସ୍ୱାତୀ ପ୍ରିୟଦର୍ଶିନୀ’ ଓ ’ପୁଲକ ଜ୍ଞାନରଞ୍ଜନ’ ଭଳି ନାମ ରଖିବାରେ କିଛି ଆଇନଗତ ପ୍ରତିବନ୍ଧକ ନାହିଁ । ମୋର ଜନୈକ ବୈଜ୍ଞାନିକ ବନ୍ଧୁ ତାଙ୍କର ଦୁଇ କନ୍ୟା ସନ୍ତାନଙ୍କ ନାମ ହେମୋଗ୍ଲୋବିନ ଓ ଇସୋନଫିଲ୍ ରଖିଛନ୍ତି । ଆମ କଲୋନୀର ଜଣେ କବି ବନ୍ଧୁ, ବାତ୍ୟାର ନାମ ଅନୁସାରେ ନିଜ ଝିଅର ନାମ ‘ଫାଇଲିନ‘ ରଖିଛନ୍ତି।

ଦେଶ ବିଦେଶରେ ମଧ୍ୟ ନାମକରଣର ଭିନ୍ନ ଭିନ୍ନ ଧାରା ଦେଖିବାକୁ ମିଳେ । ପୂର୍ବ ଏସିଆ ମହାଦେଶ ଓ ଦକ୍ଷିଣ ଏସିଆ ଦେଶ ସମୂହ - ଯଥା ଚାଇନା, ଭିଏତନାମ, କେନିଆ ଆଦି ଦେଶ ମାନଙ୍କରେ ସାଙ୍ଗିଆ, ନାମ ପୂର୍ବରୁ ଲେଖାଯାଏ । ଏହା ପରିବାର,ବଂଶ, ଗୋଷ୍ଠୀ, ଅଥବା ଗ୍ରାମର ନାମ ଆଧାରରେ ହୋଇଥାଏ ।

ଆମ ଦେଶର କେତେକ ପ୍ରାନ୍ତରେ ମଧ୍ୟ ଏହି ଧାରା ଦେଖିବାକୁ ମିଳେ । କେତେକ ଦେଶରେ ଦୁଇଟି ସାଙ୍ଗିଆ ବ୍ୟବହୃତ ହୁଏ । ଆଉ କେତେକ ଦେଶ ପୁଅକୁ ବାପର ନାମ ଓ ଝିଅକୁ ମା’ ନାମ, ସାଙ୍ଗିଆ ରୂପେ ବ୍ୟବହାର କରନ୍ତି । କେତେକ ଦେଶରେ ସାଙ୍ଗିଆ ଆଦୌ ବ୍ୟବହାର କରନ୍ତି ନାହିଁ ।

ଇସ୍ରାଏଲ ଓ ଆହୁରି କେତେକ ଦେଶରେ ପୁଅ ଝିଅମାନଙ୍କ ଏକକ ନାମକରଣ ପ୍ରଥା ପ୍ରଚଳିତ । ସେମାନଙ୍କ ନାମରୁ ଆପଣ ପୁଅଝିଅଙ୍କୁ ଠଉରାଇ ପାରିବେ ନାହିଁ ।

ଭୁବନେଶ୍ୱର
ମୋବାଇଲ୍ - ୭୯୭୮୪୨୦୪୯୩

# ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ଭୀମକୁଣ୍ଡ

ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ସୀମାରେ ସବୁଜବନାନୀ ଘେରା ପୁଣ୍ୟତୋୟା ବୈତରଣୀ ଶଯ୍ୟାରେ ଏହି ମନୋରମ ସ୍ଥାନ ଅବସ୍ଥିତ । କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଡୁମୁରିଆ ଗ୍ରାମ ପଞ୍ଚାୟତର ଘାଟବାଲିଯୋଡି ଗ୍ରାମରେ ଏହା ଥିବାବେଳେ ମୟୁରଭଞ୍ଜ ଜିଲାର ସୀମାରେ ବୋରିଂ ଗ୍ରାମରେ ଏହା ରହିଛି । ପର୍ଯ୍ୟଟନ ଋତୁରେ ଓଡ଼ିଶାର ବିଭିନ୍ନ ଜିଲ୍ଲା ତଥା ଅନ୍ୟ ରାଜ୍ୟ ମାନଙ୍କରୁ ପର୍ଯ୍ୟଟକମାନେ ଏଠାକୁ ଛୁଟି ଆସି ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବେଶ ମନ ଭରି ଉପଭୋଗ କରିଥାନ୍ତି ।

ନଦୀ ଶଯ୍ୟାରେ ଜଳପ୍ରପାତ ଓ ତାହାର ଘୁ ଘୁ ନାଦ ବିଶାଳ କୁଣ୍ଡ ସବୁଜବନାନୀ ବନଫୁଲର ଶୋଭା ଦର୍ଶକଙ୍କ ମନରେ ରୋମାଂଚ ଭରିଦିଏ । କୁଣ୍ଡେଶ୍ୱର ,ତିର୍ଥେଶ୍ୱର ଓ ଭୀମେଶ୍ୱର ଶିବ ମନ୍ଦିର ସହ ଏଠାକାର ବିଶ୍ରାମ ସ୍ଥଳୀ ଓ ନଦୀଶଯ୍ୟାର ୱାଚ ଟାୱାର ଏହାର ଆକର୍ଷଣକୁ ଦ୍ୱିଗୁଣିତ କରୁଛି । ମହାଭାରତ ଯୁଗର ଘଟଣା ବହୁଳ କିମ୍ବଦନ୍ତୀ ସହ ଏହି ସ୍ଥାନର ସମ୍ପର୍କ ଅଛି ବୋଲି ଭୀମକୁଣ୍ଡ ନାମରୁ ଅନୁମାନ କରାଯାଏ। ଇତିହାସ କହେ ମହାଭାରତ ସମୟରେ ପଞ୍ଚୁ ପାଣ୍ଡବ ମାନେ ଏହି ଠାରେ ଅଜ୍ଞାତ ବାସ କରିଥିଲେ । ବୈତରଣୀର ଜଳରାଶି ସେ ସମୟରେ କ୍ଷୀଣ ଜଳଧାରା ଥିଲା । ଭୀମ ସେଠାରେ ଗାଧୋଉଥିବା ସମୟରେ ଭୀମଙ୍କ ବିଶାଳ ଦେହରେ ଜଳଧାରା ବାଡେଇ ହୋଇ ସେଠାରେ ନିମ୍ନଗାମୀ ହୋଇ ବିଶାଳ ଗଣ୍ଡ ସୃଷ୍ଟି ହୋଇଥିଲା । ସେବେଠାରୁ ସେଇ ଗଣ୍ଡର ନାମ



ଭୀମଙ୍କ ନାମରେ ନାମିତ ହୋଇ ଭୀମକୁଣ୍ଡ ହୋଇଛି । ମକର ସମୟରେ ଏଠାରେ ବୁଡ଼ ପକାଇବାକୁ ଲକ୍ଷାଧିକ ଶ୍ରଦ୍ଧାଳୁ ଆସିଥିବାବେଳେ ପର୍ଯ୍ୟଟନ ଋତୁରେ ହଜାର ହଜାର ଦର୍ଶକ ପ୍ରତି ଦିନ ବଣଭୋଜି ଓ ବୁଲାବୁଲି କରି ଯାଇଥାନ୍ତି । ବର୍ଷର ଅକ୍ଟୋବର ମାସ ଠାରୁ ମାର୍ଚ୍ଚ ମାସର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଏଠାକୁ ପର୍ଯ୍ୟଟକଙ୍କ ସୁଅ ଛୁଟିବା ସହ ସ୍ଥାନଟି ବେଶ ଚଳଚଞ୍ଚଳ ହୋଇପଡେ ଏହି ଭୀମକୁଣ୍ଡ ।

ସଡକ ପଥରେ ଭୁବନେଶ୍ୱରରୁ ପାଣିକୋଇଲି ଆନନ୍ଦପୁର ଠାକୁରମୁଣ୍ଡା ଦେଇ ଭୀମକୁଣ୍ଡ କିମ୍ବା ଆନନ୍ଦପୁର - ଘଟଗାଁ - ଢେଙ୍କିକୋଟ ହୋଇ ଆସିପାରିବେ ।

## ସଂ ପା ଦ କୀ ୟ

# ଆଞ୍ଚଳିକ ଦଳର ନେତୃତ୍ୱ ନେବା ପାଇଁ ଯୋଗ୍ୟତା

ନେତୃତ୍ୱ ଏକ ବ୍ୟକ୍ତିତ୍ୱର ପରିପ୍ରକାଶ। ଏହା କେବେ ବି ଦାନରେ ମିଳେ ନାହିଁ, ସଂଘର୍ଷରେ ହିଁ ମିଳେ। ୨୪ବର୍ଷ ନିରବଚ୍ଛିନ୍ନ କ୍ଷମତାରେ ରହିଥିବା ବିଜୁ ଜନତା ଦଳରେ ନବୀନବାବୁଙ୍କ ବ୍ୟତିରକେ ଏହାକୁ ଆଗକୁ ନେବାପାଇଁ ଏକ ସ୍ୱାଭାବିକ ଏବଂ ଗ୍ରହଣୀୟ ନେତୃତ୍ୱର ଅଭାବ କଣ ଦର୍ଶାଉଛି ? ନବୀନବାବୁଙ୍କ ନିଷ୍କ୍ରିୟତା ଦଳକୁ ବିଘଟନ ଆଡକୁ ନେବାର କାରଣ କଣ ?୨୪ବର୍ଷ ଧରି ଏହି ଦଳରେ ଥିବା ନେତା ସମସ୍ତ ପଦବୀ ଏବଂ ପୃଷ୍ଠପୋଷକତା ସତ୍ୱେ କେହି ବି ନିଜ ନିଜ ପାଇଁ ରାଜନୈତିକ କ୍ଷେତ୍ର ପ୍ରସ୍ତୁତି କରିପାରିଲେ ନାହିଁ କାହିଁକି ? ଏହାର ଉତ୍ତରରେ ରହିଛି ଆଜିର ଭାରତୀୟ ରାଜନୀତିର ବିକୃତି ଓ ବିଡମ୍ବନା। ବିଜୁ ଜନତା ଦଳର ଜନ୍ମ ବିଚାରଧାରାକୁ ନେଇ ନୁହେଁ ବରଂ ବ୍ୟକ୍ତିବାଦକୁ ନେଇ ହୋଇଥିଲା। ବିଜୁବାବୁଙ୍କ ତିରୋଧାନରେ ଓଡିଶାରେ ଅନୁକମ୍ପାର ଯେଉଁ ଜୁଆର ଆସିଥିଲା ସେଥିରୁ ରାଜନୈତିକ ଲାଭ ପାଇଁ ବିଜୁ ଜନତା ଦଳର ଜନ୍ମ ଏବଂ କ୍ଷମତାଲାଭର ଲାଳସା ହିଁ ଭାରତୀୟ ଜନତା ପାର୍ଟିକୁ ସାଇନବୋର୍ଡ ପାର୍ଟି କହି ତାଚ୍ଛଲ୍ୟ କରୁଥିବା, ଧର୍ମନିରପେକ୍ଷ ବିଜୁବାବୁଙ୍କ ନାମରେ ନାମିତ ଦଳର ଭାରତୀୟ ଜନତା ପାର୍ଟି ସହିତ ନିର୍ବାଚନୀ ମେଣ୍ଟ ହେଲା। ବିଚାର ବିଭ୍ରାଟର ପରାକାଷ୍ଠା ଓ ବିରୋଧାଭାଷ ହେଲା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାପରେ, ହିନ୍ଦୁ ଧର୍ମକୁ ନେଇ ରାଜନୀତି କରୁଥିବା ଭାଜପା ମେଣ୍ଟ ସରକାରରୁ ଓହରିଲା ନାହିଁ ଅଥଚ ଧର୍ମନିରପେକ୍ଷତାର ଦ୍ୱାହି ଦେଇ ବିଜୁ ଜନତାଦଳ ଭାଜପା ସହିତ ମେଣ୍ଟ ଭାଙ୍ଗିଦେଲା। ଏକଥା କହିବା ବାହୁଲ୍ୟ ଯେ ରାଜନୀତି ବ୍ୟକ୍ତିକୈନ୍ଦ୍ରିକ ହେଲେ ସଂଗଠନ ଓ ସରକାର ସ୍ୱେଚ୍ଛାଚାରୀ ହୁଅନ୍ତି। ଶୀର୍ଷରେ ଥିବା ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱ ଏବଂ କର୍ତ୍ତୃତ୍ୱ ଉପରେ ଦଳ ନିର୍ଭରଶୀଳ ହୋଇଯାଏ ଏବଂ ସେହି ବ୍ୟକ୍ତିର ନିଷ୍କ୍ରିୟତା କିମ୍ବା ଅବର୍ତ୍ତମାନରେ ଦଳ ଦିଗହରା ହୋଇ ଔଚିତ୍ୟ ଏବଂ କ୍ରମେ ଅସ୍ତିତ୍ୱ ହରାଇଥାଏ। ବିଜୁ ଜନତା ଦଳ ଆଜି ସେମିତି ଏକ ଅବସ୍ଥା ଦେଇ ଗତି କରୁଛି। ବିହାରରେ ନୀତିଶ କୁମାରଙ୍କ ଜେ.ଡି.ୟୁ , ମହାରାଷ୍ଟ୍ରରେ ଶରଦ ପାୱାରଙ୍କ ଏନ୍.ସି.ପି, ଉତ୍ତରପ୍ରଦେଶରେ ମାୟାବତୀଙ୍କର ବି.ଏସ୍.ପି, ତାମିଲନାଡୁରେ ଜୟଲଳିତାଙ୍କ ଏ.ଆଇ.ଡିଏମ୍.କେ ଆଦି ବ୍ୟକ୍ତିକୈନ୍ଦ୍ରିକ ଦଳମାନେ ଏବେ ଏହି ସମାନ ଅବସ୍ଥାଦେଇ ଗତି କରୁଛନ୍ତି । କଂଗ୍ରେସ ଏବଂ ଭାଜପା ଭଳି ଜାତୀୟ ଦଳ ମଧ୍ୟ ବିଚାରଧାରା ତ୍ୟାଗକରି ଯଥାକ୍ରମେ ରାହୁଲ ଗାନ୍ଧୀ ଓ ନରେନ୍ଦ୍ର ମୋଦିଙ୍କ ବ୍ୟକ୍ତିତ୍ୱ ମଧ୍ୟରେ କେନ୍ଦ୍ରୀଭୁତ ହୋଇ ରହିଛି। ଦଳ ଆଉ ରାଜନୈତିକ ତାଲିମ ଦ୍ୱାରା ନେତୃତ୍ୱ ସୃଷ୍ଟିର ମଞ୍ଚ ନୁହେଁ ବରଂ କ୍ଷମତା କେନ୍ଦ୍ରୀଭୁତ କରି ଶାସନ ହାତେଇବାର ମାଧ୍ୟମ ପାଲଟିଯାଇଛି। ବ୍ୟକ୍ତିବାଦର ଜୟଗାନ ନେତା ନୁହେଁ ଭାଟ ସୃଷ୍ଟି କରୁଛି ଏବଂ ପ୍ରତିଷ୍ଠିତ ନେତୃତ୍ୱର ଅବର୍ତ୍ତମାନରେ ଏହି ଭାଟମାନେ ଅସହାୟ ହୋଇପଡୁଛନ୍ତି।ନବୀନବାବୁଙ୍କ ଦୀର୍ଘ ଶାସନର ଅଳ୍ପଦିନ ମଧ୍ୟରେ ବିଜୁ ଜନତା ଦଳର ବିଘଟନ ରାଜନୀତି ବିଜ୍ଞାନ ପାଇଁ ଅଧ୍ୟୟନର ନୁଆ ପ୍ରସଙ୍ଗ ପ୍ରସ୍ତୁତ କରୁଛି। ଏହା ଆଗାମୀ ଦିନରେ ରାଜନୀତିକୁ ପେଶା କରିବାକୁ ଚାହୁଁଥିବା ସମସ୍ତଙ୍କ ପାଇଁ ଏକ ଆହ୍ୱାନ ସୃଷ୍ଟି କରୁଛି।

**ଆପଣଙ୍କ ଅଭିଯୋଗ, ସମସ୍ୟା ଓ ମତାମତକୁ ପ୍ରମାଣ ସହ ପଠାନ୍ତୁ । ବିଶେଷ ପୃଷ୍ଠା ନିମନ୍ତେ ଲେଖା ମଧ୍ୟ ପଠାଇ ପାରିବେ।**

ମୋବାଇଲ (ହ୍ୱାଟସଆପ୍) ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ : କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ନବରାତ୍ର ପୂଜା : ଏକ ବିହଙ୍ଗାବଲୋକନ

### ଜଗନ୍ନାଥ ନାୟକ

'ଯା ଦେବୀ ସର୍ବ ଭୂତେଷୁ ଶକ୍ତି ରୁପେଣ ସଂସ୍ଥିତା ନମଃ ତସୈ ନମଃ ତସୈ ନମଃ ତସୈ ନମୋ ନମଃ ।' ଆଦ୍ୟାଶକ୍ତି ମାଆ ଦୁର୍ଗତି ନାଶିନୀ ଦୁର୍ଗା । ଧାରବତରଣ କରନ୍ତି ଶରତରେ । ଯେତେବେଳେ ଶୁଭ୍ର ବର୍ଣ୍ଣ କାଶତଣ୍ଡୀର ସମ୍ଭାରରେ ପରିପୂର୍ଣ୍ଣ ଧରା । ତାଙ୍କର ତ୍ରିବିଧ ଶକ୍ତିର ପରିପ୍ରକାଶ କରନ୍ତି ଇଚ୍ଛାଶକ୍ତି, କ୍ରିୟାଶକ୍ତି ଓ ଜ୍ଞାନଶକ୍ତି ମାଧ୍ୟମରେ । ପ୍ରକାରନ୍ତେ ସେ ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ । ପରଂବ୍ରହ୍ମ ସ୍ୱରୂପିଣୀ ମାଆ ଦୁର୍ଗାଙ୍କ ଧରାବତରଣର ପ୍ରଥମ ଦିନରୁ ନବମ ଦିନ ପର୍ଯ୍ୟନ୍ତ 'ନବରାତ୍ର ପୂଜା' କରନ୍ତି ଭକ୍ତ ଓ ଶ୍ରଦ୍ଧାଳୁମାନେ । ନଅ ଦିନ ଧରି ଆରାଧନା କରନ୍ତି ବହୁ ଆଡମ୍ବରରେ । ଏହି ନଅ ଦିନରେ ମାତା ଆଦ୍ୟାଶକ୍ତି ପୂଜା ପାଆନ୍ତି ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରୀ, ମହାଗୌରୀ ଓ ସିଦ୍ଧଦାତ୍ରୀ ରୂପେ । ତେଣୁ ଏହି ନଅ ଦିନ ଧରି ରାତ୍ର ସମୟରେ ପୂଜା ପାଉଥିବାରୁ ଏହାକୁ କହନ୍ତୁ 'ନବରାତ୍ର ପୂଜା ।' ଦଶମ ଦିନ 'ଦଶହରା'। ମର୍ଯ୍ୟାଦା ପୁରୁଷ ରାମଚନ୍ଦ୍ର ଏହି ନବରାତ୍ର ପୂଜା କରି ରାବଣକୁ ନିଧନ କରିଥିବାରୁ ପାଳନ କରାଯାଇଥିଲା 'ବିଜୟା ଦଶମୀ' ବା ଦଶହରା । ଦେବୀ କବଚ ବର୍ଣ୍ଣନା କରେ :- 'ପ୍ରଥମଂ ଶୈଳପୁତ୍ରୀ ଚ ଦ୍ୱିତୀୟମ୍ ବ୍ରହ୍ମଚାରିଣୀ ତୃତୀୟ ଚନ୍ଦ୍ରଘଣ୍ଟେତି କୁଷ୍ମାଣ୍ଡେତି ଚତୁର୍ଥକମ୍ ପଞ୍ଚମମ୍ ସ୍କନ୍ଧମାତେତି ଷଷ୍ଠ କାତ୍ୟାୟନୀ ତଥା ସପ୍ତମ କାଳରାତ୍ରୀ ଚ ମହାଗୌରୀତି ଚାଷ୍ଟକମ୍ ନବମଂ ସିଦ୍ଧାରତ୍ରୀତି ନବଦୁର୍ଗା ପ୍ରକର୍ତ୍ତିତା ।' ନବରାତ୍ରର ପ୍ରଥମ ତିନିଦିନରେ ମହାକାଳୀଙ୍କ ଆରାଧନା କରି ଉପାସନା କରନ୍ତି ଭକ୍ତ ଓ ଶ୍ରଦ୍ଧାଳୁମାନେ । ସୌମ୍ୟା, ତେଜସ୍ୱୀ ଓ ରୌଦ୍ର ରୁପକୁ ଆବାହନ କରେ ଅମଙ୍ଗଳ ବିନାଶ ପାଇଁ । ଦ୍ୱିତୀୟ ତିନି ଦିନରେ ମହାଲକ୍ଷ୍ମୀଙ୍କୁ ଆରାଧନା କରେ । ଧନ ସମ୍ପତ୍ତିର ଉନ୍ନତି ସହ ଦାରିଦ୍ୟର ମୂଳୋତ୍ପାଟନ ପାଇଁ ଆବାହନ କରନ୍ତି ଭକ୍ତ ଓ ଶ୍ରଦ୍ଧାଳୁମାନେ । ତୃତୀୟ ତିନି ଦିନରେ ମହାସରସ୍ୱତୀଙ୍କୁ ଆବାହନ କରେ । ଶକ୍ତି ଓ ସମ୍ପତ୍ତି ସହ ଅଜ୍ଞାନ ରୂପକ ଅମାଅନ୍ଧକାରକୁ ମୂଳୋତ୍ପାଟନ କରି ଜ୍ଞାନ ବିଚ୍ଛୁରଣ ପାଇଁ ଭକ୍ତ ଓ ଶ୍ରଦ୍ଧାଳୁମାନେ । ଶେଷରେ ଯଜ୍ଞର ପୂର୍ଣ୍ଣାହୁତି ଦେଇ ସମାପନ କରେ ନବରାତ୍ର ବ୍ରତ । ପ୍ରଥମ ଦିନରୁ ନବମ ଦିନ ପର୍ଯ୍ୟନ୍ତ କ୍ରମନ୍ୱୟରେ ପ୍ରଦତ୍ତ । ଶୈଳପୁତ୍ରୀ : 'ନମସ୍ତେ ମା' ଶୈଳପୁତ୍ରୀ ହିମବନ୍ତ ଜେମା ବାଞ୍ଛାଫଳ ପ୍ରଦାୟିନୀ ତ୍ରିନେତ୍ର ଚନ୍ଦ୍ରମା । ବୃଷଭ ବାହିନୀ ମା'ଲୋ ତ୍ରିଶୂଳ ଧାରିଣୀ କରୁଣାମୟୀ ମାଆ ତୁ ଜୟ ନାରାୟଣୀ ।' ପ୍ରଥମ ଦିବସରେ ଭକ୍ତ ଓ ଶ୍ରଦ୍ଧାଳୁ ଆବାହନ କରି ଉପାସନା କରନ୍ତି ମାଆ 'ଶୈଳପୁତ୍ରୀଙ୍କୁ' ମାଆ ପାର୍ବତୀ ପର୍ବତରାଜ ହିମାବାନଙ୍କ ଠାରୁ ଜନ୍ମ ହୋଇଥିବାରୁ ସେ ହେଉଛନ୍ତି ଶୈଳପୁତ୍ରୀ । ବାଲ୍ୟାବସ୍ଥାରେ ଶିଶୁ ଥାଏ ଅବୋଧ ଓ ନିଷ୍ପାପ । ପ୍ରକୃତରେ ଶକ୍ତି ହୁଏ ସଂଚରିତ । ବାଞ୍ଛିତ ଫଳ ପ୍ରଦାନ କରନ୍ତି ସେ । ଚନ୍ଦ୍ରମା ସଦୃଶ ତାଙ୍କର ତ୍ରିନେତ୍ର । ବୃଷଭ ବାହନରେ ତ୍ରିଶୂଳ ଧାରଣ କରି ଶୁଭ୍ରବସ୍ତ୍ର ପରିହିତା ପୂର୍ବକ ଅବତୀର୍ଣ୍ଣ ହୁଅନ୍ତି ସେ । ତାଙ୍କ ପୂଜାରେ ପାନପତ୍ର, ମିଶ୍ରି ଓ ଲବଙ୍ଗ ଅର୍ପଣ କରି ନକାରାତ୍ମକ ଶକ୍ତିର ବିନାଶ ଘଟାଇ ସକାରାତ୍ମକ ଭାବର ସୃଷ୍ଟି କରିବା ହେଉଛି ମୂଳଲକ୍ଷ୍ୟ । ଧଳା ପୁଷ୍ପ ,ଧଳା ବସ୍ତ୍ର ଓ ଧଳା ବର୍ଣ୍ଣର ନୈବେଦ୍ୟ ଅର୍ପଣ କରାଯାଏ ତାଙ୍କୁ । ତାଙ୍କୁ ଆବାହନ କଲେ ମନୋବାଞ୍ଛା ପୂର୍ଣ୍ଣ କରନ୍ତି ସେ । ଯେହେତୁ କଲ୍ୟାଣମୟୀ ମାଆ ନାରାୟଣୀ ସେ । ବ୍ରହ୍ମଚାରିଣୀ : ବାମ ହସ୍ତେ ଜପମାଳା ଦକ୍ଷେ କମଣ୍ଡଳୁ କଲ୍ୟାଣମୟୀ ଜନନୀ ଜଗତ ତୁ ପାଳୁ ।

ଜ୍ୟୋତିର୍ମୟୀ ବ୍ରହ୍ମମାତ ତୁହି ବ୍ରହ୍ମ ଜ୍ୟୋତି ତୋତେ ଧାନ କଲେ ମାତ ବ୍ରହ୍ମଜ୍ଞାନ ପ୍ରାପ୍ତି ।।

" ଦ୍ୱିତୀୟ ଦିବସରେ ଭକ୍ତ ଓ ଶ୍ରଦ୍ଧାଳୁ ଆବାହନ କରି ଉପାସନା କରନ୍ତି ବ୍ରାହ୍ମଚାରିଣ''ଙ୍କୁ । ମା'ପାର୍ବତୀଙ୍କର ଏହା କିଶୋରୀ ଅବସ୍ଥା । ତପମଗ୍ନା ସେ । ବାମ ହସ୍ତରେ ଜପମାଳା ଓ ଦକ୍ଷିଣ ହସ୍ତରେ କମଣ୍ଡଳୁ ଧାରଣ କରି ନିଜ କାୟାର୍ପଣ ପୂର୍ବକ ଧାନମନସ୍କା ସେ । ଏହି ରୁପକୁ ଭକ୍ତ ଓ ଶ୍ରଦ୍ଧାକୁମାନେ ଆବାହନ କରି ଉପାସନା କଲେ ମା'ଆଦିଶକ୍ତି ପ୍ରଦାନ କରନ୍ତି ଅନନ୍ତ କୋଟି ଫଳ । ତ୍ୟାଗ, ବୈରାଗ୍ୟ, ସଦାଚାର ଓ ସଂଯମ ଜାଗ୍ରତ ହୁଏ ମନରେ । ତୋତେ ଧାନ କାକେ ବ୍ରାହ୍ମଜ୍ଞାନ ପ୍ରାପ୍ତ ହୁଏ । ତିନି ହଜାର ବର୍ଷ ଶାକାହାର ରହିତ ତପସ୍ୟା କରିବାରୁ ତାଙ୍କ ନମଃ ଅପର୍ଣ୍ଣା ତା'ପରେ ଦେବୀ ଶିବ ପ୍ରାପ୍ତି ପାଇଁ ଧାରଣ କରିଥିଲେ ବ୍ରହ୍ମଚାରିଣୀ ରୂପ । ପ୍ରକାଶ ଥାଉ କି ମଙ୍ଗଳ ଗ୍ରହ ଶାନ୍ତ ନିମନ୍ତେ ଉପାସନା କରାଯାଏ ମା'ବ୍ରହ୍ମଚାରିଣୀଙ୍କର । ଚନ୍ଦ୍ରଘଣ୍ଟା : "ନମସ୍ତେ ମା'ଚନ୍ଦ୍ରଘଣ୍ଟା ଶାର୍ଦ୍ଦୁଳ ବାହିନୀ ଚଉଦ ବ୍ରହ୍ମାଣ୍ଡେ ଶୁଭେ ଦିବ୍ୟ ଘଣ୍ଟା ଧ୍ୱନି । ମହିଷା ନିଧନେ ମାତ ହେଲୁ ଅବିର୍ଭୁତା ଦେବଗଣ ଅସ୍ତ୍ରେ ଶସ୍ତ୍ରେ କଲେ ବିଭୂଷିତା ।

"ତୃତୀୟ ଦିବସରେ ଭକ୍ତ ଓ ଶ୍ରଦ୍ଧାଳୁ ଆରାଧନା କରି ଉପାସନା କରନ୍ତି ''ଚନ୍ଦ୍ରଘଣ୍ଟା"ଙ୍କୁ। ମା'ପାର୍ବତୀଙ୍କର ଏହି ଚନ୍ଦ୍ରଘଣ୍ଟା ହେଉଛନ୍ତି ମା'ଦଶଭୁଜା । ହସ୍ତମାନଙ୍କରେ ପଦ୍ମ, କମଣ୍ଡଳୁ , ତ୍ରିଶୂଳ, ଗଦା ,ତରବାରୀ, ଧନୁ ,ବଣ ପ୍ରଭୃତି ଅସ୍ତ୍ର ଶସ୍ତ୍ରରେ ବିଭୂଷିତା ।ବ୍ୟାଘ୍ର ବାହାନ ଉପରେ ଉପବେଶନ କରି ସୁବର୍ଣ୍ଣ ଶରୀର ଧାରଣ ପୂର୍ବକ ଅଭିଷ୍ଟ ପୂରଣ କରନ୍ତି ଭକ୍ତ ଓ ଶ୍ରଦ୍ଧାଳୁଙ୍କର । ଚନ୍ଦ୍ରଘଣ୍ଟାଙ୍କୁ ଆବାହନ କରି ଉପାସନା କଲେ ମୁଖ, ନେତ୍ର ଓ ଶରୀରର ଉଜ୍ଜ୍ୱଳତା ବୃଦ୍ଧି ସାଙ୍ଗକୁ ପାପରୁ ମୁକ୍ତି ମିଳେ । କୁଷ୍ମାଣ୍ଡା : "ନମସ୍ତେ କୁଷ୍ମାଣ୍ଡା ମାତା ତ୍ରିତାପ ହାରିଣୀ ଅଷ୍ଟଭୂଜେ ମହାମାୟୀ ଜଗତ ପାଳିନୀ । ସଂସାରର ସବୁ କୁଷ୍ମା ବହି ମାଆ ଉଦରେ କୁଷ୍ମାଣ୍ଡା ନାମ ବହିଲୁ ମାଆ ଜଗତର । "ଚତୁର୍ଥ ଦିବସରେ ଭକ୍ତ ଓ ଶ୍ରଦ୍ଧାଳୁ ଆବାହନ କରି ଉପାସନା କରନ୍ତି ମା'କୁଷ୍ମାଣ୍ଡାଙ୍କୁ । ମା'ପାର୍ବତୀଙ୍କର କୁଷ୍ମାଣ୍ଡା ରୂପ ସୂର୍ଯ୍ୟ ସମ ତେଜସ୍ୱୀ । ସେ ହେଉଛନ୍ତି ଦିବ୍ୟଶକ୍ତି । "କୁଷ୍ମାଣ୍ଡ"ଅର୍ଥ ପାଣିକଖାରୁ ଦେବୀଙ୍କର ଏହି ବଳି ଅତି ପ୍ରିୟ ହୋଇଥିବାରୁ ତାଙ୍କର ନାମ "କୁଷ୍ମାଣ୍ଡା " । ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି କର୍ତ୍ତ୍ରୀ ସେ । 'କୁ' ଅର୍ଥାତ୍ କ୍ଷୁଦ୍ର, 'ଉଷ୍ମ ' ଓ 'ଅଣ୍ଡା' ଅର୍ଥାତ୍ ଯିଏ ଅଣ୍ଡ ସଦୃଶ ସୃଷ୍ଟି କରିଥିଲେ ନିଜ ଶକ୍ତି ବଳରେ । ତାଙ୍କ ପୂଜାରେ ପାନ ମଧୁରୀ ଓ ଗୁଜୁରାତି ମିଶ୍ରିତ ମାଲପୁଆ ଅର୍ପଣ କରାଯାଏ ନୈବେଦ୍ୟ ସ୍ୱରୂପ । ସବୁଜ ବସ୍ତ୍ର ପରିହିତା ସେ । ଆୟୁ, ଯଶ ,ବଳ ଓ ସବୁରି ଉର୍ଦ୍ଧ୍ୱରେ ସମସ୍ତଙ୍କର ରକ୍ଷାକର୍ତ୍ତ୍ରୀ । ସୁଖ, ସୌଭାଗ୍ୟ ,ଐଶ୍ୱର୍ଯ୍ୟ ଓ ଧନ ସମ୍ପତ୍ତି ପ୍ରାପ୍ତ ହୁଏ ତାଙ୍କ କୃପାରୁ। ସ୍କନ୍ଦମାତା : "ନମସ୍ତେ ବିଶ୍ୱ ଜନନୀ ଦେବୀ ସ୍କନ୍ଦମାତା ଦେବଗଣ ସ୍ତୁତି କଲେ ହେଲୁ ଅବିର୍ଭୁତା । ହିମାଳୟ ପୁରେ ବଜେ ମଙ୍ଗଳ ମହୁରୀ ଉମା ଅବତାର ମୈନା କୋଳପୂର୍ଣ୍ଣ କରି ।। "ପଞ୍ଚମ ଦିନରେ ଭକ୍ତ ଓ ଶ୍ରଦ୍ଧାଳୁ ଆବାହନ କରି ଉପାସନା କରନ୍ତି ମାଆ ସ୍କନ୍ଦମାତାଙ୍କୁ । ମା' ପାର୍ବତୀ କାର୍ତ୍ତିକେୟଙ୍କୁ ପ୍ରଶିକ୍ଷଣ ଦେବା ଉଦ୍ଦେଶ୍ୟରେ ଧାରଣ କରିଥିଲେ ସ୍କନ୍ଦମାତା ରୂପ । କରଣ ତାରାକାସୁରକୁ ବଧ କରିବା ପାଇଁ । ଦେବଗଣ ସ୍ତୁତି କରିବାରୁ ମଙ୍ଗଳ ମହୁରୀ ବଜାଇ ଅବତାରୀ ଆସିଲେ ମା୍ ଉମା ସ୍କନ୍ଦମାତା ରୂପେ । ସ୍କନ୍ଦ ଅର୍ଥାତ୍ କାର୍ତ୍ତିକେୟ ବିରାଜମାନ ହୋଇଥାନ୍ତି ସ୍କନ୍ଦମାତାଙ୍କ କୋଳରେ । ପଦ୍ମ ଉପରେ ଉପବିଷ୍ଟ ହେତୁ ତାଙ୍କୁ କୁହାଯାଏ ପଦ୍ମାସନା ଦେବୀ । ଭକ୍ତ ଓ ଶ୍ରଦ୍ଧାଳୁମାନେ ତାଙ୍କୁ ଆବାହନ କରି ଉପାସନା କଲେ ମୋକ୍ଷ ଦ୍ୱାର ଖୋଲିଦିଅନ୍ତି ସେ । ପ୍ରଦାନ କରନ୍ତି ଅଖଣ୍ଡ ସୁଖ ଓ ଶାନ୍ତି । କାତ୍ୟାୟନୀ : "ଦ୍ୱାପର ଯୁଗରେ ମାତେ ବ୍ରଜେ ବ୍ରଜବାଳି କୃପାବଳେ ଲାଭ କଲେ ପତି ବନମାଳୀ । ଅଷ୍ଟଭୁଜେ ମାତ ହସ୍ତେ ନାନା ଅସ୍ତ୍ର ଧରି କାଞ୍ଚନ ବରନା ମା'ତୋ ବାହାନ କେଶରୀ ।।" ଷଷ୍ଠ ଦିବସରେ ଭକ୍ତ ଓ ଶ୍ରଦ୍ଧାଳୁ ଆବାହନ କରି ଉପାସନା କରନ୍ତି ମା' କାତ୍ୟାୟନୀଙ୍କୁ । ମା'ପାର୍ବତୀ ମହର୍ଷି କାତ୍ୟାୟାନଙ୍କ କନ୍ୟା ରୂପେ ବିରାଜିତା । ତେଣୁ ତାଙ୍କ ନାମ କାତ୍ୟାୟନୀ । ବ୍ରଜବାଳି ଅର୍ଥାତ୍ ଗୋପାଙ୍ଗନା ହୋଇ ମଜ୍ଜି ଥିଲେ କୃଷ୍ଣ ରସରେ । ମା' କାତ୍ୟାୟନୀ ହେଉଛନ୍ତି ଅଷ୍ଟଭୁଜା ଓ ସିଂହ ବାହିନୀ । ନାନାଦି ଅସ୍ତ୍ରରେ ସୁଶୋଭିତା ଓ କାଞ୍ଚନ (ସୁବର୍ଣ୍ଣ)ବ ର୍ଣ୍ଣା । ବାହନ ତାଙ୍କର ସିଂହ । କାତ୍ୟାୟନୀଙ୍କୁ ଉପାସନା କରି ଦ୍ୱାପର ଯୁଗରେ ଗୋପିମାନେ ପାଇଥିଲେ ଶ୍ରୀକୃଷ୍ଣଙ୍କୁ ସ୍ୱାମୀ ରୂପେ । ତାଙ୍କୁ ପୂଜାର୍ଚ୍ଚନା କଲେ ପ୍ରସନ୍ନ ହୁଅନ୍ତି ଦେବଗୁରୁ ବୃହସ୍ପତି । କରଣ ମା' ହେଉଛନ୍ତି ଦାନ୍ଧ୍ୱା ଅସୁର ଓ ପାପୀମାନଙ୍କର ସଂହାର କାରିଣୀ। କାଳରାତ୍ରୀ : "ନମସ୍ତେ ମା'କାଳରାତ୍ରୀ କରାଳ ବଦନୀ ଉନ୍ମୁକ୍ତ କୁନ୍ତଳେ ମାତ ବିପୁଳ ଦର୍ଶନୀ । ମହାଦେବୀ ମହାମାୟୀ ଋଗବେଦ ବର୍ଣ୍ଣିତା ରାତ୍ରି ରୂପେ ମାଆ ତୁହି ଶକ୍ତି ପରମାତ୍ମା ।।" ସପ୍ତମ ଦିବସରେ ଭକ୍ତ ଓ ଶ୍ରଦ୍ଧାଳୁ ଆବାହନ କରି ଉପାସନା କରନ୍ତି ମ' କାଳରାତ୍ରୀଙ୍କୁ । ମା'ପାର୍ବତୀଙ୍କର ଏହି ରୂପ ହେଉଛି "କାଳରାତ୍ରୀ " । ତାଙ୍କୁ ଆବାହନ କରି ଉପାସନା କଲେ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ମିଳେ ସମସ୍ତ ପ୍ରକାର ପାପରୁ ମୁକ୍ତି । ତାଙ୍କର ଭୟଙ୍କର ରୂପ । ମୁଖ ଭୟାନକ ଓ କେଶ ଉନ୍ମୁକ୍ତ । ସେ ମହାଦେବୀ ଓ ମହାମାୟୀ ବୋଲି ଋଗବେଦରେ ବର୍ଣ୍ଣିତ । କିନ୍ତୁ ଭକ୍ତମାନଙ୍କ ପାଇଁ ଶୁଭଙ୍କରୀ ଓ କଲ୍ୟାଣମୟୀ । ସମସ୍ତ ଶତ୍ରୁ ଓ ବିପତ୍ତିରୁ ରକ୍ଷା କରନ୍ତି ସେ । ମହାଗୌରୀ : "ନମସ୍ତୁତେ ମହାଗୌରୀ ଶୁଭ ଗୌର ଅଙ୍ଗୀ ଶୁଭ୍ର ବର୍ଣ୍ଣ ଶୁଭ୍ର ବସ୍ତ୍ରେ ମହାଦେବ ସଙ୍ଗୀ । ବିଦ୍ୟୁତ୍‌ର କାନ୍ତି ସମ ଝଟକେ ତୋ ଆଭା ଶିବଙ୍କ ମାନ ମୋହିନୀ ତୁ ଅମ୍ବିକେ ଶିବା । " ଅଷ୍ଟମ ଦିବସରେ ଭକ୍ତ ଓ ଶ୍ରଦ୍ଧାଳୁ ଆବାହନ କରି ଉପାସନା କରନ୍ତି ମା' ମହାଗୌରୀଙ୍କୁ । ମା' ପାର୍ବତୀଙ୍କର ଶରୀର ମଳିନ ପଡ଼ିଯାଇଥିଲା କଠୋର ତପସ୍ୟା ଯୋଗୁଁ । ତପସ୍ୟାରେ ସନ୍ତୁଷ୍ଟ ହୋଇ ସ୍ୱୟଂ ମହାଦେବ ଜଟାରେ ବୋହିଯାଉଥିବା ଗଙ୍ଗାର ପବିତ୍ର ଜଳରେ ଧୌତ କରିବାରୁ ଗୌରବର୍ଣ୍ଣ ଧାରଣ କଲେ ସେ । ନାମ ହେଲା "ମହାଗୌରୀ " । ମହର୍ଷି ମେଧା ମା' ମହାଗୌରୀଙ୍କର ଏହି ଧରା ବକ୍ଷରେ ଉପାସନାର ପ୍ରଥମ ପ୍ରବର୍ତ୍ତକ । ମା'ଗୌରୀ ଶ୍ୱେତ ବୃଷଭ ବାହାନା ଶ୍ୱେତାମ୍ବରୀ, ଶ୍ୱେତଗିରିଶୃଙ୍ଗ ବେଷ୍ଟିତ (ବରଫ ବେଷ୍ଟିତ )କୈଳାସ ବାସିନୀ । ମା'ଶତ୍ରୁ ସଂହାରିଣୀ ଓ ଶରଣାପନ୍ନଙ୍କୁ ଅଭୟ ପ୍ରଦାନ କାରିଣୀ । ସିଦ୍ଧାଦାତ୍ରୀ : "ନମଃ ନମଃ ମହାମାୟୀ ନମଃ ସିଦ୍ଧାଦାତ୍ରୀ ସର୍ବ ସିଦ୍ଧ ପ୍ରଦାୟିନୀ ମା' କଲ୍ୟାଣ ଗାତ୍ରୀ । ଈପ୍ସିତ ବରଦାୟିନୀ ମାଆଲୋ ବରଦେ ଜ୍ଞାନଦା ବରଦା ତୁହି ମାଆଲୋ ଶାରଦେ ।" ନବମ ଦିବସରେ ଭକ୍ତ ଓ ଶ୍ରଦ୍ଧାଳୁ ଆବାହନ କରି ଉପାସନା କରନ୍ତି ମା' ସିଦ୍ଧଦାତ୍ରୀଙ୍କୁ । ମା' ପାର୍ବତୀଙ୍କର ନବମଦିନାତ୍ମକ ଦିବସରେ ମା' ସିଦ୍ଧାଦାତ୍ରୀ ଶାନ୍ତିର ପ୍ରତୀକ । ମା' ଧରାକୁ ଓହ୍ଲାଇ ଆସି ଭକ୍ତ ଓ ଶ୍ରଦ୍ଧାଳୁଙ୍କର ପୂର୍ଣ୍ଣ କରନ୍ତି ମନୋବାଞ୍ଛା । ଆଦ୍ୟାଶକ୍ତିଙ୍କର ନବରାତ୍ରି ସମାପନ ହୁଏ ଏହି ପୂଜାରେ । ସିଦ୍ଧାଦାତ୍ରୀ ହେଉଛନ୍ତି ମା' ଭଗବତୀଙ୍କର ନବମ ରୂପ । ମହାଦେବ ସମସ୍ତ ସିଦ୍ଧି ପ୍ରାପ୍ତ କରିଥିଲେ ମା' ସିଦ୍ଧାଦାତ୍ରୀଙ୍କ କୃପାରୁ । ତାଙ୍କରି କୃପାରେ ଶିବଙ୍କର ଅର୍ଦ୍ଧ ଶରୀର ଦେବୀଙ୍କର ହୋଇଥିଲା ; ଯାହାକି ପ୍ରଭୁଙ୍କର ଅର୍ଦ୍ଧନାରୀଶ୍ୱର ରୂପ । ମା' ସିଦ୍ଧାଦାତ୍ରୀ ସିଂହ ବାହିନୀ ଓ ଚତୁର୍ଭୁଜା । ପରିବେଶ କରିଥାନ୍ତି ମଧୁମୟ, ଆନନ୍ଦମୟ ଓ ଓହ୍ଲାଇ ଆସନ୍ତି ଧରାପୃଷ୍ଠକୁ । ନବରାତ୍ର ପୂଜା ଶେଷରେ ମହିଷାସୁର ଦ୍ୱାରା ଦୃଷ୍ଟ ଶକ୍ତି ବିନାଶ ପୂର୍ବକ ପାଳନ କରାଯାଏ "ବିଜୟା ଦଶମୀ " ବା ଦଶହରା । ଏହି ନବରାତ୍ର ପୂଜା ସହ ନବଗ୍ରହ ପୂଜାର ମଧ୍ୟ ରହିଛି ପ୍ରତ୍ୟେକ୍ଷ ଓ ପରୋକ୍ଷ ସମ୍ପର୍କ । ଏହାଦ୍ୱାରା ଦେବାଦେବୀଙ୍କ ସହ ଗ୍ରହ ମଣ୍ଡଳର ଆଶୀର୍ବାଦ ମଧ୍ୟ ନିହିତ ।

*ଭଦ୍ରକ, ସରିଫପୁର*

# ଓଡ଼ିଶାର ବିକାଶକୁ ମିଳିଛି 'ଡବଲ ଇଞ୍ଜିନ୍ ସ୍ପିଡ୍' : ପ୍ରଧାନମନ୍ତ୍ରୀ

ଝାରସୁଗୁଡା (ଭିଓଭି): "ଓଡ଼ିଶା ଏବେ 'ଡବଲ ଇଞ୍ଜିନ ସ୍ପିଡ'ରେ ଆଗକୁ ବଢୁଛି । ପ୍ରକୃତି ଓଡ଼ିଶାକୁ ବହୁତ କିଛି ଦେଇଛି । ଓଡ଼ିଶା ବହୁ ଦଶନ୍ଧି ଧରି ଗରିବ ଦେଖିଛି । କିନ୍ତୁ ଏହି ଦଶକ ଓଡ଼ିଶାକୁ ସମୃଦ୍ଧିକୁ ନେବ । ଓଡ଼ିଶାର ଲୋକଙ୍କ ସାମର୍ଥ୍ୟ ଓ ପ୍ରତିଭା ଉପରେ ମୋର ବିଶ୍ୱାସ ଅଛି । ଆମ ସରକାର ଓଡ଼ିଶା ପାଇଁ ବଡ଼ବଡ଼ ପ୍ରକଳ୍ପ ଆଣିଛନ୍ତି ।" ଆଜି ଝାରସୁଗୁଡ଼ାରେ ଏକ ବିଶାଳ ଯୁବ ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା କହିଛନ୍ତି । ଗତ ୧୬ମାସ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କର ଓଡ଼ିଶାକୁ ଏହା ସପ୍ତମ ଗସ୍ତ । ଓଡ଼ିଶାକୁ ୧୭୦୦କୋଟି ଟଙ୍କାର ରେଳ ପ୍ରକଳ୍ପ ସହ ଅନ୍ତ୍ୟୋଦୟ ଯୋଜନାରେ ୫୦ହଜାର ଘର ମଧ୍ୟ ଉପହାର ଦେବା ସହ ସମଗ୍ର ଦେଶ ପାଇଁ ମୋଟ ୫୦ହଜାର କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ



ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ଓଡ଼ିଆରେ ଜୁହାର କହି ନିଜର ଭାଷଣ ଆରମ୍ଭ କରିଥିଲେ ପ୍ରଧାନମନ୍ତ୍ରୀ ମୋଦି । ଦେଢ଼ବର୍ଷ ପୂର୍ବରୁ ବିଧାନସଭା ନିର୍ବାଚନରେ ଆପଣମାନେ ନୂଆ ସଂକଳ୍ପ ନେଇ ଆଗକୁ ବଢ଼ିବାକୁ ନିଷ୍ପତ୍ତି ନେଇଥିଲେ । ଏହି ସଂକଳ୍ପ ଥିଲା ବିକଶିତ ଭାରତର । ଓଡ଼ିଶା ଏବେ ଡବଲ ଇଞ୍ଜିନ ସ୍ପିଡରେ ଆଗକୁ ବଢୁଥିବା ମୁଁ ଦେଖୁଛି । ସ୍ୱାଧୀନତା ପରେ ଓଡ଼ିଶାରେ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି । ଆଜି ଓଡ଼ିଶା ଓ ଦେଶ ପାଇଁ ହଜାର ହଜାର କୋଟି ଟଙ୍କାର କାର୍ଯ୍ୟ ଆରମ୍ଭ ହୋଇଛି । ଏସବୁ ପ୍ରକଳ୍ପଗୁଡ଼ିକ ଗରିବ ଓ ବଂଚିତ ବର୍ଗଙ୍କୁ ସଶକ୍ତ କରିବ । ସ୍ୱଦେଶୀ ଜ୍ଞାନକୌଶଳରେ ବିଏସଏନଏଲ ୪ଜି ଶୁଭାରମ୍ଭ ହୋଇଛି । ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଭାଷଣରେ କଂଗ୍ରେସ ଶାସନରେ ଦେଶରେ 'ଲୁଟ ତନ୍ତ୍ର' ବା ଲୁଟ ବ୍ୟବସ୍ଥାରେ ଥିଲା ବୋଲି କହିବା ସହ ସେମାନେ ଗରିବଙ୍କୁ ଲୁଟ୍ କରୁଥିଲେ ଓ ଆମେ ଗରିବଙ୍କୁ ସଶକ୍ତ କରୁଛୁ ବୋଲି କହିଛନ୍ତି । ତେବେ ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ ରାଜ୍ୟରେ ୨୪ବର୍ଷ ଧରି ଶାସନରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିମ୍ବା ତାଙ୍କ ଦଳ ବିଜେଡି ସମ୍ପର୍କରେ କିଛି କହିନଥିଲେ । ପ୍ରଧାନମନ୍ତ୍ରୀ ମୋଦି ଆଜି ଝାରସୁଗୁଡ଼ାଠାରେ ଟେଲିଯୋଗାଯୋଗ, ରେଳବାଇ, ଉଚ୍ଚଶିକ୍ଷା, ଦକ୍ଷତା ବିକାଶ, ଏବଂ ଗ୍ରାମୀଣ ଗୃହ ନିର୍ମାଣ ସମେତ ବିଭିନ୍ନ କ୍ଷେତ୍ରର ୫୦ହଜାରରୁ ଅଧିକ ଟଙ୍କାର ପ୍ରକଳ୍ପ ଦେଶ ଉଦ୍ଦେଶ୍ୟରେ ସମର୍ପିତ କରିଛନ୍ତି । ଆଜିର କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀମାନେ ବିଭିନ୍ନ ସ୍ଥାନରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ମଧ୍ୟ ଯୋଡ଼ି ହୋଇଥିଲେ । ପ୍ରଧାନମନ୍ତ୍ରୀ ମୋଦି ଭାରତର ସଂପୂର୍ଣ୍ଣ ସ୍ୱଦେଶୀ ୪ଜି (BSNL 4G) ଟେକ୍ନୋଲୋଜିରେ ନିର୍ମିତ ୯୭୫୦୦ରୁ ଅଧିକ ମୋବାଇଲ୍ ୪ଜି ଟାୱାରକୁ କାର୍ଯ୍ୟକ୍ଷମ କରିଛନ୍ତି । ଏଥିରେ ବିଏସଏନଏଲ ଦ୍ୱାରା ନିର୍ମିତ ୯୨୬୦୦ରୁ ଅଧିକ ୪ଜି ସାଇଟ୍ ରହିଛି । ଏହି ସଫଳତା ପାଇଁ ଭାରତ ଏବେ ସଂପୂର୍ଣ୍ଣ ସ୍ୱଦେଶୀ ଟେକ୍ନୋଲୋଜିରେ ୪ଜି ସେବା ଆରମ୍ଭ କରିଥିବା ବିଶ୍ୱର ଶ୍ରେଷ୍ଠ ୫ଟି ଦେଶ ମଧ୍ୟରେ ସାମିଲ ହୋଇଛି । ଏହି ୪ଜି ସେବା ଦ୍ୱାରା ଓଡ଼ିଶାର ଆଦିବାସୀ ଅଂଚଳ ଏବଂ ଦୁର୍ଗମ ଗ୍ରାମାଂଚଳର ଦୁଇ କୋଟିରୁ ଅଧିକ ଲୋକ ଉପକୃତ ହେବେ ।

# ମିଶନ ଶକ୍ତିରେ ନିଯୁକ୍ତ ମହିଳା ଏମବିକେ, ସିଆରପି ଓ ବ୍ୟାଙ୍କମିତ୍ର ମାନଙ୍କର ଅନଶନ

ସତ୍ୟବାଦୀ (ଭିଓଭି) : ବିଜେଡି ଶାସନକାଳରେ ମିଶନ ଶକ୍ତି ମାଧ୍ୟମରେ ମହିଳା ମାନଙ୍କୁ ସଶକ୍ତ ଓ ଆତ୍ମନିର୍ଭରଶୀଳ କରିବାର ଲକ୍ଷ୍ୟ ନେଇ ମହିଳା ଗୋଷ୍ଠୀ ଓ ମଞ୍ଚ ତିଆରି କରାଯାଇଥିଲା। ଏହା ମାଧ୍ୟମରେ ଗୋଷ୍ଠୀ ମାନଙ୍କୁ ଋଣ ପ୍ରଦାନ କରାଯାଇ ସେମାନଙ୍କ ଅର୍ଥନୈତିକ ଦୁଃସ୍ଥିତି କୁ ଦୁର କରିବାକୁ ପ୍ରୟାସ କରାଯାଇଥିଲା। ଏହାର ? ପରିଚାଳନା ପାଇଁ ପ୍ରତ୍ୟେକ ପଞ୍ଚାୟତ ମାନଙ୍କରେ ଜଣେ ଏମବିକେ ଓ ଆବଶ୍ୟକତା ଅନୁଯାୟୀ ସିଆରପି ତଥା ବ୍ୟାଙ୍କ ମିତ୍ର ପଦବୀ ତିଆରି କରି ମହିଳା ମାନଙ୍କୁ ନିଯୁକ୍ତି ଦିଆ ଯାଇଥିଲା। ଏମାନଙ୍କୁ ଜିପିଏଲ୍ଏଫ୍ ମାଧ୍ୟମରେ ଦରମା ଦିଆଯାଉଥିଲା ଓ ନିୟମ ଅନୁଯାୟୀ ଛଅ ବର୍ଷ ଚାକିରୀ କରିବା ପରେ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବାର ବ୍ୟବସ୍ଥା




କରାଯାଇଥିଲା। କିନ୍ତୁ ବିଜେପି ସରକାର ଆସିଲା ପରେ ଏହି ବ୍ୟବସ୍ଥାକୁ ପୂର୍ନଗଠନ କରିବାର ନିଷ୍ପତି ନିଆଯାଇ ସେହି ମହିଳା ମାନଙ୍କୁ ଛଅ ମାସ କାଳ ଦରମା ବନ୍ଦ କରିଦିଆ ଯାଇଅଛି, ଓ କାର୍ଯ୍ୟ ଅନୁସାରେ ପ୍ରାପ୍ୟ ଦେବା ପାଇଁ ନିଷ୍ପତି ନିଆଯିବା ସହିତ ଅନାବଶ୍ୟକ ନିଯୁକ୍ତି କହି ଅନେକ ମହିଳାଙ୍କୁ ଛଟେଇ କରିବାର ଯୋଜନା ଚାଲିଛି। ଏହାର ବିରୋଧରେ ସାରା ରାଜ୍ୟରେ ଗତ ୨୨ତାରିଖ ଠାରୁ ଏହି ଏମବିକେ ସିଆରପି ଓ ବ୍ୟାଙ୍କମିତ୍ର ମାନେ ପ୍ରତ୍ୟେକ ବ୍ଲକ୍ ଆଗରେ ଅନଶନ ଆରମ୍ଭ କରିଛନ୍ତି। ସତ୍ୟବାଦୀ ବ୍ଲକ୍ ଆଗରେ ଅନଶନ କରୁଥିବା ଏହି ମହିଳା ମାନଙ୍କ ସଂଘର ସଭାପତି ଧରିତ୍ରୀ ତ୍ରିପାଠୀ ଓ ସଂପାଦିକା ମମତା ରାଉତରାୟ କହିଛନ୍ତି ଯେ ସରକାର ତୁରନ୍ତ ତାଙ୍କର ନିଷ୍ପତି ପ୍ରତ୍ୟାହାର କରନ୍ତୁ ଓ ଯେଉଁ ଭଳି ଭାବରେ ଆଗରୁ କାର୍ଯ୍ୟ ଚାଲୁଥିଲା ସେହିଭଳି ବ୍ୟବସ୍ଥା କାଏମ ରହୁ ଏବଂ ସେମାନଙ୍କ ବାକି ରଖିଥିବା ଦରମା ତୁରନ୍ତ ପ୍ରଦାନ କରାଯାଉ। ଘଟଣା କ୍ରମରେ ଗତ ୨୫ ତାରିଖ ଦିନ ତିନିଜଣ ଅନଶନରତ ମହିଳା ଧରିତ୍ରୀ ତ୍ରିପାଠୀ, ସୁରଥି ପାଢୀ ଓ ସନ୍ଧ୍ୟା ପ୍ରଧାନଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇ ପଡିବାରୁ ସେମାନଙ୍କୁ ନିକଟସ୍ଥ ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣା ପରେ ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ ଓ ବ୍ଲକ୍ ଅଧ୍ୟକ୍ଷ ସୁନୀଲ ପଣ୍ଡା ଘଟଣା ସ୍ଥଳରେ ପହଞ୍ଚି ପିଡୀତା ମାନଙ୍କ ସ୍ୱାସ୍ଥ୍ୟବସ୍ଥ ଅନଶନରତ ବିଷୟରେ ବୁଝିବା ସହ ଅନଶନରତ ମହିଳା ମାନଙ୍କୁ ସମର୍ଥନ ଦେବା ସହିତ ସରକାରଙ୍କ ଏହି ନିଷ୍ପତିରେ କଡ଼ା ସମାଲୋଚନା କରିଥିଲେ। ସରକାର ତାଙ୍କର ନିଷ୍ପତି ବଦଳାଇବାକୁ ସେମାନେ ଦାବି କରିଛନ୍ତି। ସେହିପରି ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ମଧ୍ୟ ଡାକ୍ତରଖାନାରେ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ। ଯଦି ସରକାର ସେମାନଙ୍କ ଦାବି ନବୁଝନ୍ତି ତାହାଲେ ଆଗକୁ ଆନ୍ଦୋଳନ ଜୋରଦାର ହେବ ବୋଲି ଅନଶନରତ ମହିଳା ମାନେ ଚେତାବନୀ ଦେଇଛନ୍ତି।

## ସ୍କୁଲରେ ଟେବୁଲ ଟେନିସକୁ ପହଞ୍ଚାଇବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ସହ ଆଲୋଚନା ସରିଛି: କ୍ରୀଡ଼ା ମନ୍ତ୍ରୀ

ଭୁବନେଶ୍ୱର, (ଭିଓଭି): ୧୬ ବର୍ଷ ପରେ ଭାରତକୁ ଫେରିଛି ଏସିଆନ ଟେବୁଲ ଟେନିସ ଟିମ୍ ଚମ୍ପିଆନସିପ୍। ଏହାସହ ଓଡିଶାରେ ପ୍ରଥମଥର ପାଇଁ ଆୟୋଜିତ ହେବାକୁ ଯାଉଛି ୨୮ତମ ଏସିଆନ ଟେବୁଲ ଟେନିସ ଟିମ୍ ଚମ୍ପିଆନସିପ୍। ଆସନ୍ତା ଅକ୍ଟୋବର ମାସ ୧୧ ତାରିଖରୁ ଅକ୍ଟୋବର ୧୫ ଯାଏ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେବ ଚମ୍ପିଆନସିପ୍। ଅନ୍ତର୍ଜାତୀୟ ଟେବୁଲ ଟେନିସ ଫେଡରେସନ ଓ ଏସିଆନ ଟେବୁଲ ଟେନିସ ୟୁନିୟନ ପକ୍ଷରୁ ଆୟୋଜିତ ଚମ୍ପିଆନସିପ୍ ?ରେ ଅନ୍ତର୍ଜାତୀୟ ସ୍ତରର ବହୁ ପ୍ରତିଷ୍ଠିତ ଦଳ ସାମିଲ ହେବେ।ଭାରତ, ଚାଇନା, ସିଂଗାପୁର,ଜାପାନ, କୋରିଆ, ମକାଓ,ଶ୍ରୀଲଙ୍କା, ଥାଇଲାଣ୍ଡ ଭଳି ୨୨ଟି ଦେଶର ଖେଳାଳୀ ଏହି ଚମ୍ପିଆନସିପ୍ ରେ ଭାଗ ନେଉଛନ୍ତି। ଗତ ଏସିଆନ ଚମ୍ପିଆନସିପ୍ ରେ ଭାରତ ୩ଟି ବ୍ରୋଞ୍ଜ ପଦକ ହାତେଇଥିଲା। ଏଥର ମଧ୍ୟ ଶ୍ରେଷ୍ଠ ପ୍ରଦର୍ଶନ କରିବ ବୋଲି ସଂଘ ଆଶା ରଖିଛି। ଚମ୍ପିଆନସିପ୍ ଦେଖିବା ପାଇଁ ବିଦେଶରୁ ୪ଶହରୁ ଅଧିକ ଟେନିସ ପ୍ରେମୀ ଆସିବେ ବୋଲି ମନ୍ତ୍ରୀ



ସୂର୍ଯ୍ୟବଂଶୀ ସୁରଜ ସୂଚନା ଦେଇଛନ୍ତି। ଲଣ୍ଡନ ବିଶ୍ୱ ଟେବୁଲ ଟେନିସ ଚମ୍ପିଆନସିପ୍ ପାଇଁ ମନୋନୀତ ହୋଇଥିବା ଖେଳାଳୀ ଏହି ଚମ୍ପିଆନସିପରେ ସାମିଲ ହେବେ। ଏହି ଚମ୍ପିଆନସିପର ଅଭିଜ୍ଞତା ଖେଳାଳୀଙ୍କ ପାଇଁ ବେଶ ସହାୟକ ହେବ ବୋଲି କହିଛି ସଂଘ।ଜାତୀୟ ସ୍ତରର ଖେଳାଳୀଙ୍କ ସହ ଓଡ଼ିଶାର ଖେଳାଳୀ ଅଭ୍ୟାସ କରିବାର ସୁଯୋଗ ପାଇବେ। ସ୍କୁଲ ସ୍ତରରେ ଟେବୁଲ ଟେନିସକୁ ପହଞ୍ଚାଇବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସହ ଆଲୋଚନା ସରିଛି ବୋଲି କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସୂଚନା ଦେଇଛନ୍ତି।

## ଆଇ.ଏମ.ଟି ଫର୍ମାସୀ କଲେଜରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ

ପୁରୀ,(ଭିଓଭି): ଗୋପାଳପୁର ସ୍ଥିତ ଆଇ. ଏମ. ଟି ଫାର୍ମାସୀ କଲେଜ ଆନୁକୂଲ୍ୟରେ ତା ୨୫/୦୯/୨୦୨୫, ଗୁରୁବାରଦିନ ବିଶ୍ୱ ଫାର୍ମାସିଷ୍ଟ ଦିବସ ଅତ୍ୟନ୍ତ ଉତ୍ସାହର ସହିତ ପାଳିତ ହୋଇଛି। ସାରା ବିଶ୍ୱର ସ୍ୱାସ୍ଥ୍ୟସେବା ରେ ନିୟୋଜିତ ଫାର୍ମାସିଷ୍ଟ ତଥା ଭେଷଜ ବିଜ୍ଞାନୀ ମାନଙ୍କ ଉଦେଶ୍ୟରେ ଉତ୍ସର୍ଗୀକୃତ ଏହି ଦିବସର ଉତ୍ସବକୁ କଲେଜର ପ୍ରେକ୍ଷାଳୟରେ ଉଦଘାଟନ କରିଥିଲେ ପୁରୀ ଜିଲ୍ଲାର ଭେଷଜ ନିରୀକ୍ଷକ ଶ୍ରୀ ହିତେଶ କୁମାର ବେହେରା । ସେ ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କୁ ଅଧ୍ୟୟନ, କୌଶଳ ଶିକ୍ଷଣ ତଥା ସନ୍ଦେହ ମୋଚନ ଠିକ୍ ସମୟରେ ଶିକ୍ଷକଙ୍କ ଦ୍ୱାରା କରାଇ ନେବାକୁ ଉପଦେଶ ଦେଇଥିଲେ। ଓଡ଼ିଶାରେ ଔଷଧ ଶିଳ୍ପ ର ଭବିଷ୍ୟତ ଉଜ୍ଜ୍ୱଳ ବୋଲି କହିଥିଲେ ।ଇତ୍ୟବସରରେ, କଲେଜର ନିର୍ଦ୍ଦେଶକ ଶ୍ରୀ ମନୋଜ କୁମାର ରଥ, ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କର୍ତ୍ତବ୍ୟରତ ଫାର୍ମାସିଷ୍ଟ ଅଫିସର ମାନଙ୍କୁ ଉପଢୌକନ ପ୍ରଦାନପୂର୍ବକ ସମ୍ମାନିତ କରିଥିଲେ। ଏହି ଉତ୍ସବରେ ସମ୍ମନିତ ଅତିଥି ଓ ଫାର୍ମାସିଷ୍ଟ ଯଥା, କାଳୀ




ପ୍ରସନ୍ନ ମିଶ୍ର, ମୁକେଶ କୁମାର ସାହୁ, ଝରଣା କଳାପାହାଡ଼, ରୋଜାଲିନ ରଥ ଓ ସମ୍ବିତ କୁମାର ପ୍ରଧାନ ଯୋଗଦାନ କରି ଛାତ୍ର ଛାତ୍ରୀ ମାନଙ୍କୁ ନୈତିକତା ଓ ଧର୍ଯ୍ୟର ସହ ସେବା ତଥା କର୍ତ୍ତବ୍ୟ ପାଳନ ହିଁ ଉତ୍ତମ ଫାର୍ମାସିଷ୍ଟ ଓ ଉତ୍କୃଷ୍ଟ ଫାର୍ମାସିଷ୍ଟ ସେବା ବୋଲି ମତାମତ ଦେଇଥିଲେ । ବିଶ୍ୱ ଫାର୍ମାସିଷ୍ଟ ଦିବସ ଉତ୍ସବରେ ଉଦବୋଧନ ଦେଇଥିଲେ କଲେଜର ଆଇ.କ୍ୟୁ.ଏ.ସି. ନିର୍ଦ୍ଦେଶକ ଡ଼ଃ ପ୍ରକାଶ ଚନ୍ଦ୍ର ସେନାପତି ଉପାଧ୍ୟକ୍ଷ ଡ଼. ତୁଷାର ରଞ୍ଜନ ମହାପାତ୍ର, ଆଇ.ଏମ୍.ଟି.ର ବିଭାଗ ମାନଙ୍କର ମୁଖ୍ୟ ଯଥା ପ୍ରାଧ୍ୟାପକ ଡ଼ଃ ନିଗମ ଜ୍ୟୋତି ମାଇତି, ସମୀର କୁମାର ପାତ୍ର, ଜଗନ୍ନାଥ ପ୍ରସାଦ ମିଶ୍ର ତଥା ଅଧ୍ୟାପକ ସ୍ମୃତିକ କୁମାର ଦାସ, ଦେବଦତ୍ତ ସାହୁ, ଦେବାଶିଷ ଦାସ, ରାଜଲକ୍ଷ୍ମୀ ସ୍ୱାଇଁ, ପାର୍ଥସାରଥୀ ପାତ୍ର ଓ ସମସ୍ତ ଅଧ୍ୟାପକ ଗଣ । ଏହି ଉତ୍ସବରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସଂଗୀତ, ନୃତ୍ୟ ପରିବେଷଣ ଓ ଏକ କ୍ଷୁଦ୍ର ନାଟ୍ୟ ପ୍ରସ୍ତୁତ କରାଯାଇଥିଲା। ଏହି ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପିକା ଜ୍ୟୋତିର୍ମୟି ଦାଶ ଏବଂ ମଞ୍ଚ ପରିଚାଳନା କରିଥିଲେ ଚନ୍ଦ୍ରକାନ୍ତ ଜେନା, ନିରଞ୍ଜନ ନାୟକ, ଆଦିତ୍ୟ ପ୍ରଧାନ ଓ ଅନ୍ୟ କର୍ମକର୍ତ୍ତା ଗଣ ।

# ଆମ ରାଜ୍ୟର ଚିକିତ୍ସା ବ୍ୟବସ୍ଥା

**ସଂଜୟ କୁମାର ସାହୁ**




ଏଇ କିଛିଦିନ ତଳେ କ୍ୟାପିଟାଲ ହସ୍ପିଟାଲରେ ଜଣେ ମୃତ ଶିଶୁର ସମ୍ପର୍କୀୟ ଓ ସାଧାରଣ ଜନତା ହସ୍ପିଟାଲ ଭିତରେ ଧସେଇ ପଶିଲେ, ରାସ୍ତା ରୋକ କଲେ, ସମ୍ପତି ନଷ୍ଟ କଲେ ଓ ସୁରକ୍ଷା କର୍ମୀଙ୍କୁ ମାଡ ମାରିଲେ । ମୁଖ୍ୟମନ୍ତ୍ରୀ ମହୋଦୟ ଶିଶୁର ମୃତ୍ୟୁପାଇଁ ୪ ଲକ୍ଷ ଟଙ୍କା ସହାୟତା ରାଶି ଘୋଷଣା କଲେ । ଏମିତି ଘଟଣା ପ୍ରଥମ ନୁହଁ, ପ୍ରାୟ ପ୍ରତ୍ୟେକ ଦିନ ଆମ ରାଜ୍ୟରେ ବିଭିନ୍ନ ହସ୍ପିଟାଲରେ ଗଣ୍ଡଗୋଳ ହେଉଛି ଓ ବହୁତ ସମ୍ପତି ନଷ୍ଟ ହେଉଛି । ଆମ ରାଜ୍ୟରେ ତଥା ଦେଶରେ ଏମିତି ଚିକିତ୍ସାରେ ଅବହେଳା ଦର୍ଶାଇ ଡାକ୍ତର ତଥା ହସ୍ପିଟାଲ ବିରୁଦ୍ଧରେ ଅନେକ ଗୁଡିଏ ମାମଲା ଭିବିନ୍ନ ଅଦାଲତରେ ଦାୟର ହେବା କଥା ଆମ୍ଭେମାନେ ଜାଣିଛୁ । ଆମ ରାଜ୍ୟର ଅଧିକାଂଶ ଲୋକ ରାଜ୍ୟରେ ଥିବା ସରକାରୀ ଓ ବେସରକାରୀ ହସ୍ପିଟାଲ ଉପରେ ନିର୍ଭର କରନ୍ତି । ଆମ ରାଜ୍ୟରେ ଛତୁ ଫୁଟିବା ଭଳି ବେସରକାରୀ ହସ୍ପିଟାଲ ମାନ ଖୋଲାଯାଇଛି । ବିଭିନ୍ନ ସମୟରେ ଆମ୍ଭେମାନେ ଖବର କାଗଜ ଓ ଟିଭିରେ ଖବର ଦେଖୁ ଯେ କେଉଁଠି ହସ୍ପିଟାଲ୍ ଓ ନିଦାନ କେନ୍ଦ୍ରମାନ ବିନା କାଗଜପତ୍ରରେ ଚାଲୁଛି ।କିଛି ସମୟରେ ଧରପଗଡ଼ ହୁଏ, ପୁଣି ଯେଉଁ କଥାକୁ ସେଇ କଥା । ଗ୍ରାମାଞ୍ଚଳରେ ନକଲି ଡାକ୍ତରମାନଙ୍କ ଦ୍ୱାରା ଚିକିତ୍ସା କରାଯିବା କଥା ଆମ୍ଭେମାନେ ଜାଣିଛୁ । ସେଠାରେ ଚିକିତ୍ସା ସତ୍ୱେ ଲୋକମାନେ ଏପରି ସ୍ଥାନକୁ ଯାଉଛନ୍ତି, କାରଣ ସେମାନଙ୍କ ପାଖରେ ଅନ୍ୟ ବାଟ ନାହିଁ । ସେମାନେ ସେଠାରୁ ଶୋଷଣ ହେଉଛନ୍ତି ଓ ଅନେକ ସ୍ଥଳରେ ରୋଗୀ ମୃତ୍ୟୁ ମୁଖରେ ପଡୁଛନ୍ତି । ଏହାକୁ ଆମେ ବନ୍ଦ କରିପାରୁନାହୁଁ । ସରକାରଙ୍କର ଯୋଜନା ପରେ ଯୋଜନା ହେଉଛି, କିନ୍ତୁ ମୂଳ କାରଣ ଓ ନିରାକରଣ ବାବଦରେ ସରକାର ବିଶେଷ ଆଗ୍ରହ ଦେଖେଇବା ପରି ମନେହୁଏନାହିଁ । ସରକାରୀ ହସ୍ପିଟାଲମାନଙ୍କର ଅବସ୍ଥା ବିଗତ ୧୦-୧୫ ବର୍ଷରେ ବହୁତ ପରିବର୍ତ୍ତନ ହୋଇଛି । ନୂତନ କୋଠା ବାଡ଼ି ହୋଇଛି, ମୋଟ ଉପରେ ମୌଳିକ ଚିକିତ୍ସା ବ୍ୟବସ୍ଥାରେ କିଛି ପରିବର୍ତ୍ତନ ହେବା ପରି ଓ ବିଶେଷ କରି ରୋଗୀ ଶୋଷଣରେ ପରିବର୍ତ୍ତନ ହେବାପରି ମନେହୁଏନାହିଁ । ହସ୍ପିଟାଲ୍ ଓ ପ୍ରାଇଭେଟ୍ କ୍ଲିନିକ୍ ସଂଖ୍ୟା ଯେତିକି ରହିଛି ସେଥିରେ ଡାକ୍ତର ଅଭାବ ଅଛନ୍ତି । ରୋଗୀ ଅଧିକ, ଡାକ୍ତର କମ, ଏ ପରିସ୍ଥିତିରେ କେମିତି କାମ କରି ଲୋକମାନଙ୍କୁ ଭଲ ଚିକିତ୍ସା ଦେଇହେବ ତାହା ମୁଖ୍ୟ କଥା । ଏକଥା ସତ୍ୟ ଯେ ଜଣେ ଡାକ୍ତର ନିଜ ପ୍ରାଇଭେଟ୍ ଚିକିତ୍ସାକୁ ଚାକିରୀ କରିଥିବା ହସ୍ପିଟାଲ୍ ଠାରୁ ଅଧିକ ଗୁରୁତ୍ୱ ଦେଇଥାନ୍ତି । ଲୋକ ଡାକ୍ତରମାନଙ୍କୁ ଭଗବାନ ଭାବି ତାଙ୍କର ଚିକିତ୍ସା ପାଇଁ ଯାଇଥାନ୍ତି । ଦେଖାଯାଏ ରୋଗୀର ରୋଗ କଥା ଠିକ୍'ରେ ଶୁଣିବାକୁ କିଛି ଡାକ୍ତରଙ୍କ ପାଖରେ ସମୟ ନାହିଁ । ଏ କଥା ସତ୍ୟ ଯେ ବହୁତ ଡାକ୍ତର ଏମିତି ଅଛନ୍ତି ଯଦି ରୋଗୀ ତାଙ୍କୁ ଅଧିକ ପଚାରିବ ସେ ବିରକ୍ତ ହେବେ । ଔଷଧ ବାବଦରେ ବୁଝାଇବା ତାଙ୍କର ଦାଇତ୍ୱ ହୋଇଥିଲେ ବି ଯେହେତୁ ଅଧିକ ରୋଗୀ ଅପେକ୍ଷାରେ ଥାନ୍ତି ସେ ଦାଇତ୍ୱ ତାଙ୍କର ଅନ୍ୟ କର୍ମଚାରୀମାନଙ୍କ ଉପରେ ନ୍ୟସ୍ତ କରିଥାନ୍ତି । ରୋଗୀ ଚିକିତ୍ସା ଯେ କେବଳ ଡାକ୍ତରଙ୍କ ଉପରେ ନ୍ୟସ୍ତ ସେ କଥା ଠିକ ନୁହଁ, ନର୍ସ ଏବଂ ଅନ୍ୟ ପାରା ମେଡିକାଲ୍ ଷ୍ଟାଫ୍'ମାନଙ୍କର ଭୂମିକା ଏଥିରେ ବହୁତ ଥାଏ । ଆମ ରାଜ୍ୟରେ ଛତୁ ଫୁଟିବା ଭଳି ନର୍ସିଙ୍ଗ୍ କଲେଜମାନ ଅଛି । ଯେଉଁଠି କି ପିଲା କେବଳ ଆଡିମିଶନ୍ କରନ୍ତି ଆଉ ପାଠ ପଢା ନାହିଁ । ସେମାନେ ପ୍ରାକଟିକାଲ୍ କାମ ଜାଣନ୍ତି ନାହିଁ । କମ ଦରମାରେ ଚାକିରୀ କରନ୍ତି କିନ୍ତୁ କାମ ଜାଣନ୍ତି ନାହିଁ । ହସ୍ପିଟାଲ୍'ରେ ଚାକିରୀ ଆରମ୍ଭ କଲା ପରେ ସେମାନେ କାମ ଶିଖନ୍ତି । ବଡ କଥା ହେଲା ବରିଷ୍ଠ ଓ ଅଭିଜ୍ଞ ନର୍ସମାନେ ନିଜ କାମ ଠିକ ଭାବରେ ନ କରି ନୂତନ ଭାବରେ ଯୋଗ ଦେଇଥିବା ନର୍ସମାନଙ୍କୁ କାମରେ ଲଗାନ୍ତି । ଦେଖାଯାଏ କିଛି ନର୍ସ ମଧ୍ୟ ଏମିତି ଅଛନ୍ତି ଯିଏ ଠିକ ଭାବରେ ରୋଗୀର ରକ୍ତଚାପ ମାପି ପାରନ୍ତି ନାହିଁ, ଇଞ୍ଜେକ୍ସନ୍ ଦେଇପାରନ୍ତି ନାହିଁ ଆଉ ରକ୍ତ ମଧ୍ୟ ସଂଗ୍ରହ କରି ପାରନ୍ତି ନାହିଁ । ଏମାନଙ୍କ ହାତରେ ରୋଗୀର ଜୀବନ । ଏଥିରେ ଉଚ୍ଚ ମାନର ଚିକିତ୍ସା କେଉଁଠୁ ଆସିବ, ଯେହେତୁ ଉଚିତ ଆଉ ଠିକ୍ ଶିକ୍ଷା ପାଇନାହାନ୍ତି ତେଣୁ ଭୁଲ୍-ଭାଲ୍ ଔଷଧ ବା ଇଞ୍ଜେକ୍ସନ୍ ଦେବା ସ୍ୱାଭାବିକ ଅବଶ୍ୟ ଆମ ରାଜ୍ୟରେ କିଛି ସରକାରୀ ଆଉ ବେସରକାରୀ ହସ୍ପିଟାଲ୍ ଅଛି ଯାହାଙ୍କ ଉପରେ ସାଧାରଣ ଜନତାଙ୍କର ବହୁତ ଭରସା ଅଛି ଓ ସେମାନେ ସେଠାକୁ ଆସି ଚିକିତ୍ସା ହୁଅନ୍ତି । କିଛି ନର୍ସିଙ୍ଗ୍ କଲେଜ ଅଛି ଯେଉଁଠି କିଛି ପରିମାଣରେ ପାଠ ପଢା ହୁଏ ଓ ଠିକ୍ ଶିକ୍ଷା ଦିଆଯାଏ । ଏଥିରେ ଚିକିତ୍ସା ବ୍ୟବସ୍ଥା ସୁଧୁରିବ କେମିତି ? ସାଧାରଣ ଲୋକଙ୍କ ଚିକିତ୍ସାର ଉତ୍ତରଦାଇତ୍ୱ କାହା ଉପରେ ? ନିଶ୍ଚିତ ଭାବରେ ସରକାରଙ୍କ ଉପରେ । ସରକାର ସିନା ଯୋଜନା କରିବେ କିନ୍ତୁ ନିମ୍ନ ସ୍ତରରେ ଡାକ୍ତର ଓ ନର୍ସ ପ୍ରଭୃତିଙ୍କ ହାତରେ ଚିକିତ୍ସା ବ୍ୟବସ୍ଥା ଅଛି । ଯଦି ଜଣେ ସାଧାରଣ ଲୋକ ତାଙ୍କ ରୋଗୀଙ୍କର ଚିକିତ୍ସା ବାବଦରେ କିଛି ଅଭିଯୋଗ କରିବାକୁ ଚାହେଁ ତେବେ ତା କଥା ଶୁଣିବାକୁ କେହି ନଥାନ୍ତି । ଏହି ସବୁ ପରିସ୍ଥିତି ପାଇଁ ଲୋକମାନେ ପ୍ରକୃତ ଚିକିତ୍ସାରୁ ବଞ୍ଚିତ ହୁଅନ୍ତି ଓ ଅନେକ ସମୟରେ ବିଭିନ୍ନ ହସ୍ପିଟାଲ୍'ରେ ଚିକିତ୍ସା ସମ୍ପର୍କିତ ଘଟଣା ମାନ ଘଟି ଗଣ୍ଡଗୋଳ ହୁଏ । ସରକାର ଉଚ୍ଚକୋଟିର ତାଲିମ ଦେବା ସହିତ ଯଦି ଡାକ୍ତର ଓ ନର୍ସମାନେ ନିଜକୁ ସମର୍ପିତ ଭାବରେ କାର୍ଯ୍ୟ କ୍ଷେତ୍ରରେ ନିୟୋଜିତ ନ କରିବେ, ତେବେ ଚିକିତ୍ସା ବ୍ୟବସ୍ଥାରେ ପରିବର୍ତ୍ତନ ଆସିବ ନାହିଁ, ଏ ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ସରକାରଙ୍କର ଭୂମିକା ବହୁତ ଅଛି । ସରକାର ସମସ୍ତ ସରକାରୀ ଓ ବେସରକାରୀ ହସ୍ପିଟାଲ ତଥା ନିଦାନ କେନ୍ଦ୍ରମାନଙ୍କ ଉପରେ ଯେପରି ନିୟନ୍ତ୍ରଣ ରଖିବା କଥା ସେପରି ରଖିବାର ମନେ ହୁଏ ନାହିଁ । ଜନସାଧାରଣ ମଧ୍ୟ କୌଣସି ପରିସ୍ଥିତିରେ ଆଇନକୁ ହାତକୁ ନ'ନେଇ ଆଇନ ଅନୁଯାଇ ପଦକ୍ଷେପ ନେବା ପାଇଁ ଚେଷ୍ଟା କରିବା ଉଚିତ ।

## ନିୟନ୍ତ୍ରିତ ବଜାର କମିଟି ଅଫିସ ପରିସରର ପରିବେଶ ଦୂଷିତ





ସତ୍ୟବାଦୀ (ଭିଓଭି): ସାକ୍ଷୀଗୋପାଳ ରେ ଥିବା ନିୟନ୍ତ୍ରିତ ବଜାର କମିଟି ବା ଆର୍ ଏମ୍ ସି ପରିସରର ଅବସ୍ଥା ନ କହିଲେ ଭଲ । ଏହି ପରିସରରେ ବଜାରର ସମସ୍ତ ବର୍ଜ୍ୟ ଓ ମଇଳା ପାଣି ପ୍ରବେଶ କରି ଅଫିସ ସାମନାରେ ପଙ୍କ କାଦୁଅ କରିବା ସହ ଏହାର ପରିସରକୁ ଦୁଶିତ କରୁଛି । ଖାଲି ସେତିକି ନୁହେଁ ସରକାରଙ୍କ ଦ୍ୱାରା ପରିଚାଳିତ ଲକ୍ଷ୍ମୀ ବସ୍ ଅଫିସ ସାମନାରେ ରହିବା ଓ ଏହାର କର୍ମଚାରୀଙ୍କ ଦ୍ୱାରା ବସଗୁଡିକ ଧୁଆଧୁଇ ଦ୍ୱାରା ବ୍ୟବହୃତ ପାଣି ଓ ମଇଳା ନିଷ୍କାସିତ ନହୋଇ ପାରି ଜମା ହେବା ଫଳରେ ଅଫିସ ଭିତରକୁ ଯିବା ଏକରକମ ଅସମ୍ଭବ ହୋଇ ପଡୁଛି । ଏଥିଯୋଗୁଁ ଖାଲି କର୍ମଚାରୀ ନୁହେଁ ବାହାରରୁ ଅଫିସକୁ କାମ ନେଇ ଆସୁଥିବା ଜନସାଧାରଣ ମଧ୍ୟ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସିସିଟିଭି ଆଗରେ ବସ ରହୁଥିବା କାରଣରୁ ସୁରକ୍ଷା କୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି । ଏ ପ୍ରକାର ଅସୁବିଧା କୁ ନେଇ ଆର୍ଏମ୍ସି ର ସମ୍ପାଦକ ଓ କର୍ମଚାରୀମାନେ କ୍ଷୋଭ ପ୍ରକାଶ ସହ ଏହାର ତୁରନ୍ତ ସମାଧାନ ଦାବି କରିଛନ୍ତି ।


## ବନକାବିଅଁର - ସୋଲବନ୍ଧ ରାସ୍ତା ଶୋଚନୀୟ

### ରୋଗୀ ଏବଂ ଛାତ୍ରଛାତ୍ରୀଙ୍କ ଯାତାୟାତ ବାଧାପ୍ରାପ୍ତ

ପାଟଣାଗଡ଼ (ଭିଓଭି): ପାଟଣାଗଡ଼ ବ୍ଲକ ସୋଲବନ୍ଧ ପଞ୍ଚାୟତ ବନକାବିଅଁର ଗାଁ ରୁ ସୋଲବନ୍ଧ କୁ ଯାଉଥିବା ୩ କିଲୋମିଟର ପଞ୍ଚାୟତ ରାସ୍ତା ଅତି ଶୋଚନୀୟ ହୋଇପଡିଛି । ଏହି ରାସ୍ତା ଟି ଦୀର୍ଘ ବର୍ଷ ଧରି ଅବହେଳିତ ହୋଇ ଖାଲମଖାରେ ଭର୍ତ୍ତି ହୋଇ ମରଣଯନ୍ତା ପାଲଟିଛି । ଏହି ରାସ୍ତା ର ଉନ୍ନତୀ ପାଇଁ ବନକାବିଅଁର ଗ୍ରାମବାସୀ ବାରମ୍ବାର ଦାବୀ କରି ଆସୁଥିଲେ ମଧ୍ୟ ପଞ୍ଚାୟତ କିମ୍ବା ବ୍ଲକ କର୍ତ୍ତୃପକ୍ଷ କେହି କର୍ଣ୍ଣପାତ କରୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବର୍ଷା ଦିନରେ ରାସ୍ତା ର ଅବସ୍ଥା ଏତେ ଶୋଚନୀୟ ହୋଇପଡିଛି ଯେ ଚାଲି କି ଯିବା ମଧ୍ୟ କଷ୍ଟକର ହୋଇପଡୁଛି । ଫଳରେ ଯିବାଆସିବାରେ ଘୋର ସମସ୍ୟା ଭୋଗିବାକୁ ପଡୁଛି । ଅପରପକ୍ଷରେ, ଏହି ୩ କିଲୋମିଟର ରାସ୍ତା ରେ ଦୀର୍ଘ ଦିନ ହେଲା ପଞ୍ଚାୟତ କର୍ତ୍ତୃପକ୍ଷ ମାଟିଗୁଡି ଷ୍ଟ୍ରିପ ଟିଏ ମଧ୍ୟ ପକାଇନଥିବା ଅଭିଯୋଗ ହେଉଛି । ରାସ୍ତା ର ଦୂରାବସ୍ଥା ଯୋଗୁଁ ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ସୋଲବନ୍ଧ ଡାକ୍ତରଖାନା କୁ ଯାଉଥିବା ରୋଗୀମାନେ ନାହିଁ ନ ଥିବା ଅସୁବିଧା ର ସମ୍ମୁଖୀନ ଭୋଗୁଥିବା ବେଳେ ଛାତ୍ରଛାତ୍ରୀ ମାନେ ମଧ୍ୟ କାଦୁଅ ରାସ୍ତା ଯୋଗୁଁ ବିଳମ୍ବ ରେ ସ୍କୁଲ ପହଞ୍ଚୁଛନ୍ତି । ରାସ୍ତା ଉପରେ ଯାତାୟାତ ବେଳେ ରୋଗୀ ଏବଂ ଛାତ୍ରଛାତ୍ରୀ ମାନେ ଦୂର୍ଘଟଣାର ଶିକାର ହେଉଛନ୍ତି । ଏହି ରାସ୍ତା ର ମରାମତି କରାନଗଲେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଏଥି ପ୍ରତି ବିଡ଼ିଓ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବୀ କରିଛନ୍ତି ।

# କେବେ ସୁଧୁରିବ ବିରଜା ହାଟର ମାନଚିତ୍ର

ଯାଜପୁର (ଭିଓଭି): ଯାଜପୁର ଜିଲ୍ଲାର ବୋହୁ ପୁରାତନ ଓ ଆଜିକାର ବୋହୁ ଚର୍ଚ୍ଚିତ ବିରଜା ହାଟ ଆଜି କାହାର ସ୍ୱାର୍ଥ ରେ ଚାଲିଅଛି ଏହା ସାଧାରଣରେ ଏକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ବିରଜା ହାଟ ବୋହୁ ପୁରାତନ ଯାହାକି ଏହି ହାଟ ଉପରେ ଅନେକ ବ୍ୟବସାୟୀ ଙ୍କ ଠାରୁ ଆରମ୍ଭ କରି ସାଧାରଣ ଚାଷୀ ପର୍ଯ୍ୟନ୍ତ ଆତ୍ମନିର୍ଭରଶୀଳ । ଏହି ହାଟ ଦ୍ୱାରା ଏହି ଅଞ୍ଚଳର ବୋହୁ ଗ୍ରାମ ସହିତ ଯାଜପୁର ଜିଲ୍ଲାର ଚାରିଟି ବ୍ଲକ୍ ଏବଂ ଭଦ୍ରକ ଜିଲ୍ଲାର କିଛି ଅଞ୍ଚଳ ର ସାଧାରଣ ଲୋକ ମାନେ ସମ୍ପୂର୍ଣ୍ଣ ନିର୍ଭର କରନ୍ତି । ଏହି ହାଟ ଦ୍ୱାରା ସାଧାରଣ ଚାଷୀ ଟିଏ ତାର ଖେତ ବାଡ଼ିରେ ଚାଷ କରି ନିଜର ପରିବାର ପ୍ରତିପୋଷଣ କରିଥାଏ ।କିନ୍ତୁ ବିଡମ୍ବନାର ବିଷୟ ଏହି ହାଟ ଦଶନ୍ଧି ଦଶନ୍ଧି ଧରି ଚାଲିଥିଲେ ମଧ୍ୟ ରାଜନୈତିକ ଦୃଷ୍ଟି ରୁ ଏହି ହାଟ ଉପରେ ଆଜି ପର୍ଯ୍ୟନ୍ତ କୌଣସି ଉନ୍ନତି ପଦକ୍ଷେପ ନିଆଯାଇ ନାହିଁ । ଯଦି ବି କୌଣସି ସରକାରଙ୍କ ଦ୍ୱାରା କିଛି ଉନ୍ନତି ର ପଦକ୍ଷେପ ନିଆଯାଇଥିଲା ତାହାଲେ ଆଜି ର ଦିନରେ ଏହି ହାଟ ର ଏତେ ଦୂରବସ୍ଥା କଣ ପାଇଁ ।ଯାହାକି ସାଧାରଣ ଲୋକଙ୍କୁ ଠୁ ଆରମ୍ଭ କରି ଚାଷୀ , ବ୍ୟବସାୟୀ ପର୍ଯ୍ୟନ୍ତ କେହି ବି ଜଣେ ଶାନ୍ତି ନାହାଁନ୍ତି କାରଣ ବର୍ଷା ଦିନ ଏତେ କାଦୁଅ ଯେ ଜଣେ ଚାଲି କି ଯିବା କଷ୍ଟକର । କିଛି ଦିନ ପୂର୍ବେ ଏହି ହାଟ ର ପୁନଃ ଉଦ୍ଧାର ପାଇଁ ଏବଂ ବିରଜା ମାଙ୍କ ପରିକ୍ରମା ବୃଦ୍ଧି ଉଦ୍ଦେଶ୍ୟରେ ଏହି ହାଟ କୁ ପ୍ରଶାସନ ତରଫରୁ ସନ୍ତୁ ମାଧବ ନିକଟକୁ ସ୍ଥାନାନ୍ତର କରାଯାଇଥିଲା । ଯାହାକି ସାଧାରଣ ଲୋକଙ୍କ



ଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ମାନଙ୍କ ପର୍ଯ୍ୟନ୍ତ ଏହାକୁ ସ୍ୱାଗତ କରାଯାଇଥିଲା ।କିନ୍ତୁ ମାତ୍ର କିଛି ଦିନ ଏହି ହାଟ ସେଠାରେ ଠିକ୍ ଠାକ୍ ଚାଲିବା ପରେ କିଛି କୁ ଚକ୍ରାନ୍ତ କାରୀ ଏହାକୁ ବିରୋଧ କରି ପୁଣି ସେହି ପୁରୁଣା ସ୍ଥାନକୁ ହାଟ କୁ ସ୍ଥାନାନ୍ତର କରାଇଥିଲେ । ଏଠାରେ ସୂଚନା ଥାଉ କି ଏହି ହାଟ ଲାଗି ଯାଜପୁର ରେ ଏକ ଉଗ୍ର ଆନ୍ଦୋଳନ ସୃଷ୍ଟି ହୋଇଥିଲା । ସାଧାରଣରେ ଏଠାରେ ପ୍ରଶ୍ନ ଉଠୁଛି ଏହି ହାଟ ତ ବୋହୁ ପୁରୁଣା କିନ୍ତୁ ଏହା ମଧ୍ୟରେ କୌଣସି ସରକାର କି ସ୍ଥାନୀୟ ପ୍ରଶାସନ ଏହାର ସ୍ଥାୟୀ ସମାଧାନ କରିପାରିଲେ ନାହିଁ କି ହାଟର ଉନ୍ନତି କରଣ କରିପାରିଲେ ନାହିଁ । ଏକ ବିଡମ୍ବନା ର କଥା ହେଉଛି ସରକାରଙ୍କ ରାଜକୋଷରୁ ଅନେକ ଟଙ୍କା ଖର୍ଚ୍ଚ ହୋଇ ଏକ ନୂତନ ହାଟ ପ୍ରସ୍ତୁତି ହୋଇଥିଲା କିନ୍ତୁ କିଛି ସ୍ୱାର୍ଥ ହାସଲ କାରୀ ଓ କୁ ଚକ୍ରାନ୍ତ କାରୀ ମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଏହି ସ୍ଥାନ ଏବେ ଏକ ଅଲୋଡ଼ା ହୋଇପଡିଛି । ଖାଲି ସେତିକି ନୁହେଁ ଲକ୍ଷ ଲକ୍ଷ ଟଙ୍କା ବିନିମୟରେ ତିଆରି ହୋଇଥିବା ନୂତନ ହାଟ ଆଜି ନିଶାଡି ଓ ଜୁଆଡି ମାନଙ୍କର ଏକ ଆଡ୍ଡା ସ୍ଥଳୀ ପାଲଟିଛି ଯାହାକି ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଏକ ଚିନ୍ତାର ବିଷୟ ପାଲଟିଛି । ଅନ୍ୟତ୍ର ଦେଖିବାକୁ ଗଲେ ନୂତନ ହାଟ ରେ ସାଧାରଣ ଜନତା ଉଦ୍ଦେଶ୍ୟ ରେ ଗମନା ଗମନ ପାଇଁ ସବୁ କିଛି ସୁବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଆଜି ସେହି ସ୍ଥାନ ଅଲୋଡ଼ା ହୋଇ ପଡ଼ି ରହିଛି କିନ୍ତୁ ବର୍ତ୍ତମାନ ଚାଲିଥିବା ହାଟ ଗମନା ଗମନ ର କୌଣସି ସୁବିଧା ନଥାଇ ଆଁଠୁଏ ପାଣି କାଦୁଅ ରେ ହାଟ ଚାଲିଛି । ସେଥିପ୍ରତି କାହାର ବି ନିଘା ନାହିଁ, ନା ଅଛି ପ୍ରଶାସନର, ନା ଅଛିକୁ ଚକ୍ରାନ୍ତ କାରୀ ବ୍ୟବସାୟୀ ମାନଙ୍କର, ନା ଅଛି ରାଜନୈତିକ ଦଳର । ବର୍ତମାନ ବର୍ଷା ଦିନେ ସେହି ହାଟକୁ ଥରେ ଗଲେ ଦ୍ୱିତୀୟ ଥର ପାଇଁ କେହି ମନ ବଳାଇବେ ନାହିଁ ଯିବା ପାଇଁ । କାହା ସ୍ୱାର୍ଥରେ ଚାଲିଛି ଆଜି ବିରଜା ହାଟକାହା ପାଇଁ ଉଦ୍ଦିଷ୍ଟ ବିରଜା ହାଟ ।

# Cricket - A Celebration Beyond Sport: Should India Play Pakistan?



Dinesh Kumar Muduli

The question of whether India should play cricket with Pakistan is a deeply complex one, touching not just on sport but also on politics, security, and national sentiment. For millions in India, cricket is more than just a game-it is a unifying passion, a cultural phenomenon, and a source of immense joy. Yet, when it comes to playing Pakistan, the stakes are higher, and emotions run deep.

**Arguments For Playing Cricket**

Cricket has often served as a bridge between India and Pakistan, acting as a rare channel for people-to-people diplomacy even when political ties are strained. Historic moments such as Zia-ul-Haq's visit in 1987 and General Musharraf's in 2005 showcased cricket's power to soften hardened relations. Many experts believe that sports should remain separate from politics, as seen in other rivalries worldwide, including USA-Russia and India-China, where sporting ties persist despite political tensions.

Moreover, players and fans from both countries share mutual respect and camaraderie. Matches between India and Pakistan draw billions of viewers and generate huge enthusiasm. Denying these contests punishes athletes and fans rather than politicians or extremists. As full ICC members, both nations have global responsibilities to participate in international cricket, and refusal to play can impact rankings and tournament integrity.

Importantly, terrorism cannot be blamed on cricket. Banning matches does little to curb violence and might even bolster extremist narratives by cutting off peaceful engagement.

**Arguments Against Playing Cricket**

On the other hand, many Indian voices argue that playing cricket with Pakistan normalizes relations with a country accused of supporting terrorism. After attacks like Pulwama,Pahalgam public sentiment turns fiercely against sporting ties, with players facing immense pressure not to show sportsmanship. Bilateral cricket series are seen as government-level agreements, which could be interpreted as endorsing the Pakistani state despite its alleged role in sponsoring terror groups. Pakistani victories are often politicized as "revenge," fueling militaristic propaganda.

Security is another major concern; matches require enormous security arrangements and any incident could trigger diplomatic crises.

**A Balanced Middle Path**

India's current policy reflects a pragmatic middle path: no bilateral series with Pakistan, but participation in multilateral tournaments like the World Cup or Asia Cup, Olympics etc. Matches held at neutral venues such as the UAE or Sri Lanka help reduce political and security risks.

Establishing clear diplomatic "red lines" ensures that sporting ties can be paused swiftly if tensions escalate, while technical communication between cricket boards keeps the door open for smooth coordination during global events.

India should not resume bilateral cricket with Pakistan until there are concrete steps toward ending cross-border terrorism. However, continuing to play in multilateral events upholds India's global sporting commitments and signals that India values peace and international norms over isolation.

Cricket must remain a reward for peace, not a substitute for it.

Mob- 7008555568
dinesh.mudulibabu@gmail.com

# Sea-ing the Future



Nihar Ranjan Acharya

As we stand on the shores of modern civilization, gazing at the vastness of the ocean, we must ask ourselves a pressing question: What lies beneath the waves—hope or warning?

Our oceans have always been symbols of life, mystery, and abundance. But today, they mirror our actions—polluted, warming, rising, and at the brink of collapse. "Sea-ing the Future" is not a poetic dream; it is a call for awareness, urgency, and change.

**The Ocean: Planet Earth's Blue Heart**

**Covering over 70% of the Earth's surface, oceans:**

- Regulate the global climate,
- Produce more than 50% of the oxygen we breathe,
- Feed over 3 billion people,
- Provide livelihoods for millions,
- And store about 90% of the planet's excess heat from global warming.

**Yet, we treat this lifeline like a landfill.**

**What We've Done**

- Every minute, a "truckload of plastic" enters the sea.
- More than "8 million tons of plastic" end up in oceans each year.
- Coral reefs are bleaching, fish stocks are depleting, and marine biodiversity is disappearing.
- Ocean temperatures are rising, and so are sea levels, threatening coastlines and island nations.

We are not only destroying marine life—we are destroying our own survival systems.

**Can We Still Change the Tide?**

Yes. But the clock is ticking."Here's what needs to happen now:

Rethink Waste

- Say no to single-use plastics.
- Support plastic-free packaging and sustainable brands.
- Create awareness at the grassroots.

**Protect Marine Ecosystems**

- Ban destructive practices like deep-sea mining and bottom trawling.
- Expand marine protected areas.
- Restore coral reefs and mangrove belts.



**Clean Ocean Technology**

- Invest in innovation: ocean-cleaning drones, sustainable shipping, and biodegradable fishing gear.

**Educate and Inspire**

- Bring ocean literacy into school curriculums.
- Empower coastal communities.
- Celebrate and revive indigenous ocean wisdom.

Sea-ing the Future

To "see the future" is to look deeply into our oceans—to realize that our fate is tied to theirs.

- A healthy ocean means a healthy planet.
- A clean sea means food, oxygen, and balance.
- An aware generation means a sustainable legacy.

Let us listen to the waves, not just for their soothing rhythm, but for their message:

Protect me—and I will protect you.

Sea-ing the Future is Seeing the Truth.

Let's not wait for the tide to turn against us."Let's rise with it—and rebuild a world where the ocean is no longer crying for help, but singing with life.

Director, Trust
Ph. 8249775817
Email: nihar.acharya1973@gmail.com

# ଅତିଥି ଶିକ୍ଷକ ନିଯୁକ୍ତି ନିଷ୍ପତ୍ତିକୁ ଚାଲେଞ୍ଜ : ହାଇକୋର୍ଟଙ୍କ ଉଦ୍‌ବେଗ

କଟକ (ଭିଓଭି): ଯୋଗ୍ୟ ବେକାର ଯୁବକ ଯୁବତୀଙ୍କୁ ସୁଯୋଗ ନ ଦେଇ ରାଜ୍ୟ ସରକାର ବିଭିନ୍ନ ସ୍କୁଲରେ ଅବସରପ୍ରାପ୍ତଙ୍କୁ ଅତିଥି



ଶିକ୍ଷକ ଭାବେ ନିଯୁକ୍ତି ଦେବା ପାଇଁ ନେଇଥିବା ନିଷ୍ପତ୍ତିକୁ ଚାଲେଞ୍ଜ କରି ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି। ନିୟମିତ ନିଯୁକ୍ତି ପ୍ରକ୍ରିୟା ନ କରି ତଥା ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ଥିବା ବେକାର ଯୁବ ବର୍ଗଙ୍କୁ ସୁଯୋଗ ନ ଦେଇ ଅବସରପ୍ରାପ୍ତଙ୍କୁ ନିଯୁକ୍ତି ଦିଆଯିବା ପ୍ରସଂଗକୁ ନେଇ ହାଇକୋର୍ଟ ଆଜି ଉଦବେଗ ପ୍ରକାଶ କରିଛନ୍ତି। ଖାଲି ପଦବି ପାଇଁ ନିୟମିତ ବ୍ୟବଧାନରେ କାହିଁକି ନିଯୁକ୍ତି ପ୍ରକ୍ରିୟା ଅନୁଷ୍ଠିତ ହେଉ ନାହିଁ ବୋଲି ଶୁଣାଣି ବେଳେ ହାଇକୋର୍ଟ ପ୍ରଶ୍ନ କରିଥିଲେ। ଏଥି ସହିତ ଶିକ୍ଷିତ ଯୁବକ ଯୁବତୀ କୁଆଡେ ଯିବେ ବୋଲି ହାଇକୋର୍ଟ ଶୁଣାଣି ବେଳେ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଥିଲେ। ୬୩୮୭ ଅତିଥି ଶିକ୍ଷକ ନିଯୁକ୍ତି ସଂପର୍କିତ ସରକାରଙ୍କ ନିଷ୍ପତ୍ତିକୁ ରଦ୍ଦ କରିବା ପାଇଁ ଦାୟର ଏହି ମାମଲାରେ ସତ୍ୟପାଠ ମାଧ୍ୟମରେ ଜବାବ ରଖିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଏଥି ସହିତ ରାଜ୍ୟର ଶିକ୍ଷାନୁଷ୍ଠାନ ଗୁଡ଼ିକରେ କେତେ ଶିକ୍ଷକ ପଦବି ଖାଲି ପଡ଼ିଛି ସେ ନେଇ ତଥ୍ୟ ଦାଖଲ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଖାଲି ପଡ଼ିଥିବା ପଦବି ଗୁଡ଼ିକ ପୂରଣ ପାଇଁ କଣ ପଦକ୍ଷେପ ଗ୍ରହଣ କରାଯାଇଛି ସେ ନେଇ ଅବଗତ କରିବାକୁ ଗଣଶିକ୍ଷା ଓ ଉଚ୍ଚଶିକ୍ଷା ବିଭାଗକୁ ହାଇକୋର୍ଟ କହିଛନ୍ତି। ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦଙ୍କୁ ନେଇ ଗଠିତ ଖଣ୍ଡପୀଠ ଅର୍ପିତା ପ୍ରିୟଦର୍ଶିନୀ ଓ ଅନ୍ୟ ତିନି ଜଣଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅକ୍ଟୋବର ୮କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ମାମଲାର ବିବରଣୀରୁ ପ୍ରକାଶ ଯେ ରାଜ୍ୟର ବିଭିନ୍ନ ସରକାରୀ, ଅନୁଦାନପ୍ରାପ୍ତ, ବ୍ଲକ ଗ୍ରାଣ୍ଟ ହାଇସ୍କୁଲ ଓ ସଂସ୍କୃତ ଟୋଲ ଗୁଡ଼ିକରେ ୨୦୨୫-୨୬ ଶିକ୍ଷା ବର୍ଷରେ ୬୩୮୭ ଅତିଥି ଶିକ୍ଷକଙ୍କ ନିଯୁକ୍ତି ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ଦେବା ପାଇଁ ୨୦୨୫, ଅଗଷ୍ଟ ୧ର ଗଣଶିକ୍ଷା ବିଭାଗ ଚିଠିରେ କୁହାଯାଇଥିଲା। ଏହି ଚିଠି ଆଧାରରେ କେତେକ ଜିଲ୍ଲାରେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବେ ମଧ୍ୟ ନିଯୁକ୍ତି ଦିଆଯିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ନିୟମିତ ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ ଶିକ୍ଷକ ନିଯୁକ୍ତି ନ କରି ଏପରି ଭାବେ ଅତିଥି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବା ବେଆଇନ ବୋଲି ଦର୍ଶାଇ ହାଇକୋର୍ଟରେ ଏହି ମାମଲା ଦାୟର ହୋଇଛି। ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଛି ଯେ ଶିକ୍ଷା ଅଧିକାର ଆଇନ ଓ ଏନସିଟିଇ ନିୟମାବଳୀ ଉଲ୍ଲଂଘନ କରି ଅବସରପ୍ରାପ୍ତଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଛି। ଅବସରପ୍ରାପ୍ତ ଶିକ୍ଷକଙ୍କ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ମଧ୍ୟ ନାହିଁ। ବେକାର ଉଚ୍ଚଶିକ୍ଷିତ ଯୁବ ବର୍ଗ ପାଇଁ ଏପରି ସରକାରୀ ନିଷ୍ପତ୍ତି ସମସ୍ୟା ସୃଷ୍ଟି କରୁଛି। ତେଣୁ ୬୩୮୭ ଅତିଥି ଶିକ୍ଷକ ନିଯୁକ୍ତି ସଂପର୍କିତ ନିଷ୍ପତ୍ତିକୁ ରଦ୍ଦ କରାଯାଉ। ଏପରି ନିଷ୍ପତ୍ତି ଆଧାରରେ ପ୍ରଦାନ କରାଯାଇଥିବା ନିଯୁକ୍ତିକୁ ରଦ୍ଦ କରାଯିବା ସହିତ ନିୟମିତ ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ ୬୩୮୭ ପଦ ପୂରଣ କରାଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସମୀର କୁମାର ଦାସ ମାମଲା ପରିଚାଳନା କରୁଛନ୍ତି।













Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra** ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର